

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୮୯ ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୨୬.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.189 Bhubaneswar, Wednesday, March 26, 2025


## ଭିଜିଲାନ୍ସ ଜାଲରେ ପତିପତ୍ନୀ



ବରଗଡ଼, ୨୫/୩: ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ କରାଇଦେବାକୁ କହି ଜଣେ ବ୍ୟକ୍ତିଙ୍କ ଠାରୁ ୫୦୦୦ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ବିଭାଗ ହାତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଏବଂ ତାଙ୍କ ସ୍ୱାମୀ ଧରାପଡ଼ିଛନ୍ତି। ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅଧୀନ ଜ୍ଞାନ ପଞ୍ଚାୟତର ପିଇଓ ନୁପୂର ସେଠ୍ ଏବଂ ତାଙ୍କର ସ୍ୱାମୀ ବେଦ୍ ପ୍ରକାଶ ବିଶ୍ୱାଳ। ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅଧୀନ ଜ୍ଞାନ ପଞ୍ଚାୟତର ପିଇଓ ନୁପୂର ସେଠ୍ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜଣେ ହିତାଧୀକାରୀଙ୍କୁ ଗୃହ କରାଇଦେବା ନାମରେ ୧୦,୦୦୦ ଟଙ୍କା ମାଗିଥିଲେ। କିନ୍ତୁ ବ୍ୟକ୍ତି ଜଣକ ଗରିବ ଶ୍ରେଣୀର ହୋଇଥିବାରୁ ସେ ୧୦,୦୦୦ ଟଙ୍କା ଦେବାକୁ ଅସମର୍ଥତା ପ୍ରକାଶ କରିଥିଲେ। ତେଣୁ ୫୦୦୦ ଟଙ୍କାରେ କଥା ଛିଣ୍ଡିଥିଲା। ଏନେଇ ସଂପୃକ୍ତ ହିତାଧିକାରୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ସେ ଘଟଣା ସଂପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଏହା ପରେ ଯୋଜନା ଅନୁସାରେ ଭିଜିଲାନ୍ସ ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ସରକାରୀ ଯୋଜନାରେ ଜଣେ ହିତାଧିକାରୀଙ୍କୁ ଗୃହ କରାଇ ଦେବା ଆଳରେ ଟଙ୍କା ଲାଞ୍ଚ ନେବା ମହିଳା ପିଇଓଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଜଣେ ହିତାଧିକାରୀଙ୍କ ଠାରୁ ୫୦୦୦ ଟଙ୍କା ଲାଞ୍ଚ ନେବା ସମୟରେ ପିଇଓଙ୍କୁ ଭିଜିଲାନ୍ସ ଅଧିକାରୀମାନେ ମାଡ଼ି ବସିଛନ୍ତି। ଶ୍ରୀମତୀ ସେଠ୍ ହିତାଧୀକାରୀଙ୍କ ଠାରୁ ସିଧାସଳଖ ଟଙ୍କା ନନେଇ ସ୍ୱାମୀ ବେଦ୍ ପ୍ରକାଶ ବିଶ୍ୱାଳଙ୍କ ଜରିଆରେ ଆଜି ଟଙ୍କା ନେଉଥିଲେ। ପୂର୍ବରୁ ଯୋଜନା କରିଥିବା ଭିଜିଲାନ୍ସ ଟିମ୍ ଅତର୍କିତ ଭାବେ ଚଢ଼ାଉ କରି ଲାଞ୍ଚ ଟଙ୍କା ଜବତ କରିଥିଲେ। ଏଥି ସହିତ ଭିଜିଲାନ୍ସ ବିଭାଗ ସଂପୃକ୍ତ ଅଧିକାରୀ ଶ୍ରୀମତୀ ସେଠ୍ ଏବଂ ତାଙ୍କର ସ୍ୱାମୀ ବେଦ୍ ପ୍ରକାଶଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଶ୍ରୀମତୀ ସେଠ୍‌ଙ୍କ ନାମରେ ପୂର୍ବରୁ ମଧ ଏକାଧିକ ଅଭିଯୋଗ ଆସିଛି।

# କଂଗ୍ରେସର ୧୨ ବିଧାୟକ ନିଲମ୍ବିତ



ଭୁବନେଶ୍ୱର, ୨୫/୩: ବିଧାନସଭା ଅଧିବେଶନ ଜାରି ରହିଥିବା ବେଳେ ମଙ୍ଗଳବାର କଂଗ୍ରେସର ୧୨ ଜଣ ବିଧାୟକଙ୍କୁ ନିଲମ୍ବିତ କରାଯାଇଛି। ଗୃହ ମଧ୍ୟରେ ବିଶୃଙ୍ଖଳିତ ଆଚରଣ ପାଇଁ ବାଚସ୍ପତି ସମସ୍ତଙ୍କୁ ନିଲମ୍ବିତ କରିଛନ୍ତି। ଚଳିତ ବିଧାନସଭାରେ କଂଗ୍ରେସର ସମୁଦାୟ ୧୪ ଜଣ ବିଧାୟକ ରହିଛନ୍ତି। ଏହା ମଧ୍ୟରୁ ୧୨ ଜଣଙ୍କୁ ୭ କାର୍ଯ୍ୟ ଦିବସ ପାଇଁ ନିଲମ୍ବନ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ରାମଚନ୍ଦ୍ର କାଡାମ, ସିଏସ ରାଜନ ଏକ୍କା, ଦାଶରଥୀ ଗମାଙ୍ଗ, ଅଶୋକ ଦାସ, ସତ୍ୟଜିତ ଗମାଙ୍ଗ, ସାଗର ଦାସ, ପ୍ରଫୁଲ୍ଲ ପ୍ରଧାନ, ମଙ୍ଗୁ ଖିଲ, ପବିତ୍ର ସାଉନ୍ତା, କାଡ୍ରାକା ଆପଲାସ୍ୱାମୀ, ନୀଳ ମାଧବ ହିକକା ଓ ସୋଫିଆ ଫିରଦୋସଙ୍କୁ ନିଲମ୍ବନ କରାଯାଇଛି। ପୂର୍ବରୁ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କାରଣରୁ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ମଧ ନିଲମ୍ବିତ ହୋଇଥିଲେ। ତେବେ ଗୃହ ନ ଚଳେଇ ଦେବା ପାଇଁ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କେତେଦୂର ଠିକ୍ ତାହାକୁ ନେଇ ପ୍ରଶ୍ନବାଚୀ ଦେଖା ଦେଇଛି। ବିରୋଧୀଙ୍କ ଏଭଳି ଆଚରଣକୁ ସାରା ରାଜ୍ୟ ଦେଖୁଛି। ଲୋକ ସେମାନଙ୍କୁ ବିରୋଧୀ ଦଳରେ ବସାଇଛନ୍ତି। ଗଠନମୁଳକ ଆଲୋଚନାରେ ଭାଗ ନେଇ ସରକାରଙ୍କ ସହ ଆଲୋଚନା କରିବା କଥା। କାହିଁକି ଓ କାହା ପ୍ରରୋଚନାରେ ଏଭଳି ନାଟକ ବାଜି କରୁଛନ୍ତି । ବିଧାନସଭାରେ ଗୋଟିଏ ଦିନରେ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ। ଲୋକଙ୍କ ଟଙ୍କାକୁ ବ୍ୟର୍ଥ ନ କରି ଗୃହକୁ ଚଲାଇବା ନେଇ ବିରୋଧୀ ସହଯୋଗ କରିବାକୁ ବିଜେପି ବିଧାୟକମାନେ କହିଛନ୍ତି। ନହେଲେ ଏମିତି ସମୟ ଆସିବ ବିରୋଧୀ ଦଳରେ ବସିବାକୁ ବି ଆସନ ମିଳିବନି ବୋଲି ବିଜେପି ଚେତାଇ ଦେଇଛନ୍ତି। ଗୃହକାର୍ଯ୍ୟ ଆରମ୍ଭ ହେଉ ହେଉ ନାରୀ ସୁରକ୍ଷା ପ୍ରସଙ୍ଗ ନେଇ କଂଗ୍ରେସ ଆରମ୍ଭ କରିଦେଉଛି ଘଣ୍ଟମାଡ। ବିଜେଡି ଅପ୍ରସଙ୍ଗକୁ ପ୍ରସଙ୍ଗ କରି ଫାଟକ ପାଖରେ ବିରୋଧ କରିବା ଆରମ୍ଭ କରିଥିଲା। ବିଧାୟକ ମାନଙ୍କୁ ଗୃହ ଭିତରକୁ ଛାଡୁନଥିଲେ। ପଚାରିଲେ କହୁଛନ୍ତି ଗୃହ ତ ଚାଲୁନି ବିଧାୟକ ମାନେ ଗଲେ କ'ଣ କରିବେ ? ସାଧାରଣ ଲୋକ ବିଧାୟକମାନଙ୍କ ଆଚରଣ ଓ ଉଚାରଣକୁ ନେଇ ମଧ କ୍ଷୋଭ ପ୍ରକାଶ କରିଛନ୍ତି । ବିରୋଧୀଙ୍କ ହଙ୍ଗାମା ଯୋଗୁଁ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ କେବଳ ୨ ଦିନ ପ୍ରଶ୍ନକାଳ ଚାଲିଛି। ପ୍ରଶ୍ନକାଳରେ ବିଭିନ୍ନ ଅଞ୍ଚଳର ସମସ୍ୟା ସବୁ ଅଲୋଚନା ହୋଇଥାଏ। ମନ୍ତ୍ରୀ ତାର ସିଧା ଉତ୍ତର ରଖନ୍ତି। ବିରୋଧେଙ୍କ ଏଭଳି ଆଚରଣ ଲୋକଙ୍କ ସ୍ୱାର୍ଥକୁ ଧୋଇ ଦେଇଛି।

## ମାର୍ଚ୍ଚ ୨୯ରୁ ବଢ଼ିବ ପାରା

ଭୁବନେଶ୍ୱର, ୨୫/୩: କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ତାପମାତ୍ରା ସାଧାରଣ ଥିବା ବେଳେ ଚଳିତ ସପ୍ତାହର ଶେଷ ବେଳକୁ ଏହା ଧୀରେଧୀରେ ବଢ଼ିବାର ସମ୍ଭାବନା ରହିଛି। ଆସନ୍ତା ୨୯ ତାରିଖ ବେଳକୁ ହିଟ୍ ୱେଭ୍ ଫେରିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏଭଳି ପୂର୍ବାନୁମାନ କରାଯାଇଛି। ଆଗାମୀ ୫ ଦିନରେ ତାପାମାତ୍ରା ଧୀରେଧୀରେ ବଢ଼ିବ ବୋଲି କୁହାଯାଇଛି। ପାଣିପାଗ ବିଭାଗ ହିଟ ୱେଭ ପାଇଁ ସତର୍କତା ଜାରି କରିଛି। ତାତି ପୁଣି ବଢ଼ିବ ବୋଲି କହିଛି। ସେପଟେ ଆଗାମୀ ୭ ଦିନ ପାଗ ବିଶେଷ ଶୁଖିଲା ରହିବ ବୋଲି କହିଛି। ଆଗାମୀ ୫ ଦିନ ତାପମାତ୍ରା ଧୀରେଧୀରେ ବଢ଼ିବାର ସମ୍ଭାବନା ରହିଛି। ବର୍ତ୍ତମାନ ତାପମାତ୍ରା ସ୍ୱଭାବିକ ତାପମାତ୍ରା ଠାରୁ ୨ରୁ ୩ ଡିଗ୍ରୀ କମ ରହିଛି, ଯାହାକି ଆଗାମୀ ୫ ଦିନ ମଧ୍ୟରେ ଧୀରେଧୀରେ ବଢ଼ିବ। ଏହି ବର୍ଦ୍ଧିତ ତାପମାତ୍ରାକୁ ନେଇ ରାଜ୍ୟର ତାପମାତ୍ରା ୪୦ ଡିଗ୍ରି ଟପିବା ସହ ୨୯ ତାରିଖ ବେଳକୁ ହିଟ ୱେଭ ପାଇଁ ସତର୍କତା ଜାରି କରାଯାଇଛି। ଗୋଟେ କିମ୍ବା ଦୁଇଟି ସ୍ଥାନରେ ୨୯ ତାରିଖ ପାଇଁ ହିଟ ୱେଭ ରହିବ। ସମ୍ବଲପୁର, ସୁବର୍ଣ୍ଣପୁର ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲା ପାଇଁ ୨୯ ତାରିଖରେ ହିଟ୍ ୱେଭ ସତର୍କତା ସୂଚନା ରହିଛି। ହିଟ୍ ୱେଭ୍ ପାଇଁ ସତର୍କତା ଜାରି ହୋଇଛି। ତାତି ପୁଣି ବଢ଼ିବ। ଆଗାମୀ ୭ ଦିନ ପାଗ ବିଶେଷ ଶୁଖିଲା ରହିବ ବୋଲି କହିଛି। ଆଗାମୀ ୫ ଦିନ ତାପମାତ୍ରା ଧୀରେଧୀରେ ବଢ଼ିବାର ସମ୍ଭାବନା ରହିଛି। ବର୍ତ୍ତମାନ ତାପମାତ୍ରା ସ୍ୱଭାବିକ ତାପମାତ୍ରା ଠାରୁ ୨ରୁ ୩ ଡିଗ୍ରୀ କମ ରହିଛି, ଯାହାକି ଆଗାମୀ ୫ ଦିନ ମଧ୍ୟରେ ଧୀରେଧୀରେ ବଢ଼ିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଗତ ୨୪ ଘଣ୍ଟାରେ ଉପକୂଳ ଓଡ଼ିଶାର କିଛିକିଛି ସ୍ଥାନରେ ହାଲୁକାରୁ ମାଧ୍ୟମଧରଣର ବର୍ଷା ଦେଖିବାକୁ ମିଳିଛି। ଅପରପକ୍ଷେ ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୬.୮ ଡିଗ୍ରି ରେକର୍ଡ କରାଯାଇଛି। ରାଜ୍ୟର ୯ଟି ଜାଗାରେ ତାପମାତ୍ରା ୩୫ ଡିଗ୍ରି ଉପରେ ରେକର୍ଡ କରାଯାଇଛି।

## ରାଜ୍ୟରେ ବୃଦ୍ଧି ପାଉଛି ସିଜରିଆନ ପ୍ରସବ



ଭୁବନେଶ୍ୱର, ୨୫/୩: ବର୍ତ୍ତମାନ ପ୍ରସବ କହିଲେ ଯେମିତି ସିଜରିଆନ୍। ସଂଖ୍ୟା ଏତେ ଯେ, ପଛରେ ପଡିଲାଣି ନର୍ମାଲ ଡେଲିଭରି। ରାଜ୍ୟରେ ସରକାରୀ ହସପିଟାଲ୍ ତୁଳନାରେ ଘରୋଇ ହସ୍ପିଟାଲ୍ ଗୁଡ଼ିକରେ ହେଉଛି ଅଧିକ ଅସ୍ତ୍ରୋପଚାର ଡେଲିଭରି। ଆଜି ଗୃହରେ ଏହି ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, ଘରୋଇ ହସପିଟାଲରେ ୮୧ ପ୍ରତିଶତରୁ ଅଧିକ ଡେଲିଭରି ଅସ୍ତ୍ରୋପଚାରଜନିତ। ରାଜ୍ୟରେ ଘରୋଇ ହସପିଟାଲରେ ଡେଲିଭରି କହିଲେ ଯେମିତି ଖାଲି ସିଜରିଆନ୍। କାଁ ଭାଁ ନର୍ମାଲ ହେଉଛି। ଆଜି ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦର୍ଶାଇଛନ୍ତି ଯେ, ଘରୋଇ ହସପିଟାଲରେ ୨୦୨୩-୨୪ରେ ଅପରେସନଜନିତ ପ୍ରସବ ହାର ୮୧.୦୬ ପ୍ରତିଶତ ରହିଛି। ଗତବର୍ଷ ଘରୋଇ ହସ୍ପିଟାଲରେ ୧ ଲକ୍ଷ ୪୦ ହଜାର ୧୨୬ ପ୍ରସବ ହୋଇଥିବା ବେଳେ ସେଥିରୁ ୧ଲକ୍ଷ ୧୩ ହଜାର ୫୯୮ ସିଜରିଆନ୍ ଡେଲିଭରି। ସେପଟେ ସରକାରୀ ହସ୍ପିଟାଲ କଥା ଦେଖିଲେ ୨୦୨୩-୨୪ରେ ୫ ଲକ୍ଷ ୯୧ହଜାର ୧୮୫ ପ୍ରସବ ହୋଇଥିଲା। ସେଥିରୁ ୧ଲକ୍ଷ ୯୫ ହଜାର ୫୭୮ ଅସ୍ତ୍ରୋପଚାରଜନିତ ପ୍ରସବ। ଯାହାର ହାର ୩୩.୦୮%। ଅର୍ଥାତ୍ ରାଜ୍ୟରେ ସରକାରୀ ହସପିଟାଲ ତୁଳନାରେ ଘରୋଇ ହସପିଟାଲରେ ଢେର୍ ଅଧିକ ସିଜରିଆନ୍ ଡେଲିଭରି ହେଉଛି। ପ୍ରଶ୍ନ ଉଠୁଛି, ଘରୋଇ ହସପିଟାଲରେ ସିଜରିଆନ୍ ଡେଲିଭରି ସଂଖ୍ୟା ଏତେ ଅଧିକ କାହିଁକି ? ପ୍ରସୂତୀ ମହିଳା ନିଜ ଆଡୁ ଡାକ୍ତରଙ୍କୁ ଅପରେସନ ପାଇଁ ଚାପ ପକାଉଛନ୍ତି କି? ନା, ଡାକ୍ତର ପରାମର୍ଶ ଦେଉଛନ୍ତି ଅସ୍ତ୍ରୋପଚାର ପାଇଁ? ଏଥିପାଇଁ ଘରୋଇ ହସପିଟାଲ କର୍ତ୍ତୃପକ୍ଷଙ୍କ ରହିଥାଏ କି ଭୂମିକା? ଅପରେସନ୍ ହେଲେ ପ୍ରସୂତୀ ଅଧିକ ଦିନ ହସପିଟାଲରେ ରହିବା, ତା ଅନୁସାରେ ବେଡ୍ ଚାର୍ଜ, ଡାକ୍ତର ଫି ଏବଂ ଅନ୍ୟାନ୍ୟ ସେବା ବାବଦ ଖର୍ଚ୍ଚ ଥିବାରୁ, ବଢୁଛି କି ସିଜରିଆନ୍ ଡେଲିଭରି? ଜାଣିଶୁଣି ଏଥିପାଇଁ ପ୍ରୋତ୍ସାହନ ଦିଆଯାଉଛି କି? ସେପଟେ ସାମାଜିକ କର୍ମୀ ଓ ରୋଗୀଙ୍କ ସଂପର୍କୀୟ କହିଛନ୍ତି, ଘରୋଇ ହସପିଟାଲଗୁଡ଼ିକର ଲାଭଖୋର ମନୋବୃତ୍ତି ଯୋଗୁ ସିଜରିଆନ୍ ଡେଲିଭରି ସଂଖ୍ୟା ବଢୁଛି। ଡାକ୍ତରଙ୍କ କହିବା ହେଉଛି, ବର୍ତ୍ତମାନ ଅଧିକାଂଶ କ୍ଷେତ୍ରରେ ପ୍ରସୂତୀଙ୍କ ବୟସ ଅଧିକ। ତେଣୁ ଗର୍ଭବତୀ ଏବଂ ପରବର୍ତ୍ତୀ ଡେଲିଭରି ବେଳେ ସମସ୍ୟା ଦେଖାଦେଇଥାଏ। ତେଣୁ ଅନେକାଂଶରେ ଗର୍ଭବତୀଙ୍କ ପ୍ରଥମ ଚଏସ ଥାଏ ଅପରେସନ। କିଛି କ୍ଷେତ୍ରରେ ନର୍ମାଲ ଡେଲିଭରିରେ ଅଧିକ ଯନ୍ତ୍ରଣା ଥିବାରୁ ଗର୍ଭବତୀମାନେ ଅପରେସନ୍ ପାଇଁ ନିଜ ଆଡୁ ବି କହୁଛନ୍ତି। ଏଥିସହ ଡେଲିଭରି ପାଇଁ ନିଜ ଆଡୁ ତାରିଖ ସ୍ଥିର କରିବା ଏବଂ ଚିହ୍ନା ପରିଚୟ ଡାକ୍ତର ଓ ହସପିଟାଲ ବି ଅସ୍ତ୍ରୋପଚାରଜନିତ ପ୍ରସବର ପ୍ରମୁଖ କାରଣ ପାଲଟିଛି। ଏଥିପାଇଁ ପ୍ରସୂତୀମାନଙ୍କୁ କାଉନସେଲିଂର ଆବଶ୍ୟକତା ରହିଛି ବୋଲି କହଛନ୍ତି ବିଶେଷଜ୍ଞ।

## କମିଶନରେଟ୍ ପୋଲିସର ନିଦ ହଜାଇଛି
## ନକଲି ଡିଏସପିର ନକଲ ଫଣ୍ଡା

ଭୁବନେଶ୍ୱର, ୨୫/୩: ନାକେଦମ୍ କରୁଛି ନକଲି ଡିଏସପିର ନକଲ ଫଣ୍ଡା। ନିଦ ହଜିଗଲାଣି କମିଶନରେଟ୍ ପୋଲିସର। ନକଲି ଡିଏସପିର ମୂଳ ଖୋଜିବାକୁ ଧା' ଦୌଡ଼ ଭିତରେ ସାମ୍ନାକୁ ଆସିଛି, ଭୁବନେଶ୍ୱରରେ ପିସିଆର୍ କଣ୍ଟ୍ରୋଲ ରୁମରେ ବସି ଡ୍ୟୁଟି କରୁଥିବାର ଚିତ୍ର। ଏପରିକି ଡିଏସପି ରାଙ୍କକୁ ପ୍ରମୋଶନ ପାଇଥିବାର ଏକ ଚିଠି ବି ନକଲି ଡିଏସପି ମାନସ ସେନାପତିର ସୋସିଆଲ୍ ମିଡ଼ିଆ ଆକାଉଣ୍ଟରୁ ମିଳିଛି। ଏସବୁ ଫଟୋ ଏବଂ ଚିଠି ସତ ନା ମିଛ, କମିଶନରେଟ୍ ପୋଲିସ ତାହାର ଯାଞ୍ଚ ଚଳାଇଛି। ଅସଲିଙ୍କ ହୋସ୍ ଉଡ଼ାଉଛି ନକଲି ପୋଲିସ। ତା'ର ନକଲ ଫଣ୍ଡା ଆଛା ଆଛା ଖାକି ବାବୁଙ୍କୁ ଏବେ ଚିନ୍ତାରେ ପକାଇ ଦେଇଛି। ଜାଲ୍ କାଗଜପତ୍ର ଜରିଆରେ ଏବଂ ବେଶଭୂଷା ବଦଳାଇ ନକଲି ଡିଏସପି ସାଜିଥିବା ମାନସ ରଞ୍ଜନ ସେନାପତିର ଏହି ଚିତ୍ରକୁ ନେଇ କମିଶନରେଟ୍ ପୋଲିସରେ ଏବେ କମ୍ପନ। ଥରେ ଦେଖନ୍ତୁ ମାନସର ସୋସିଆଲ୍ ମିଡ଼ିଆ ଆକାଉଣ୍ଟରୁ ମିଳିଥିବା ଏହି ଫଟୋକୁ। ଭୁବନେଶ୍ୱର ଡିସିପି ଅଫିସରେ ଥିବା ଚଉଜ କଣ୍ଟ୍ରୋଲ ରୁମରେ



ବସି କାମ କରୁଛି, ପୁରା ଦବଙ୍ଗ ଷ୍ଟାଇଲରେ। କଡ଼ରେ ବସିଛନ୍ତି ସିଗ୍ନାଲ୍ ଡିସିପି ବାନାମ୍ବର ସେଠୀଙ୍କ ସହ ଅନ୍ୟ ଜଣେ ଅଧିକାରୀ। ଏ ହେଉଛି ସେହି କଣ୍ଟ୍ରୋଲ ରୁମ୍, ଯେଉଁଠୁ କାହାର ବିପଦ ଆପଦ ପଡ଼ିଲେ ପିସିଆର ଭ୍ୟାନକୁ ଦିଆଯାଏ କମାଣ୍ଡ। ହେଲେ ସେହି କଣ୍ଟ୍ରୋଲରେ ନକଲି ଡିଏସପି ମାନସ ସେନାପତି। ତେବେ ଏହି ଫଟୋ ଅସଲି ନା ନକଲି, ପୋଲିସ ତଦନ୍ତ ଚଳାଇଥିବାବେଳେ କମିଶନରେଟ୍ ପୋଲିସରେ ଚର୍ଚ୍ଚା, ଚଉଜ କଣ୍ଟ୍ରୋଲ ରୁମ୍ ଯାଏଁ କେମିତି ପହଞ୍ଚିଲା ଏହି ଧୂର୍ତ୍ତ ଠକ ? ଏ ସଂପର୍କରେ ପୋଲିସ କମିଶନରଙ୍କ କୈଫିୟତ୍ ତଲବ ପରେ ସିଗ୍ନାଲ ଡିସିପି ବାନାମ୍ବର ସେଠୀ ହାଜର ହୋଇ ପକ୍ଷ ରଖିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଫଟୋ ୨୦୨୦ କୋଭିଡ୍ ସମୟର। କେବେ ପିସିଆର କଣ୍ଟ୍ରୋଲ୍ ରୁମ ତ କେବେ ରାସ୍ତା କଡ଼ରେ ଡ୍ୟୁଟି କରୁଥିଲା ସେ। କେବଳ କମିଶନରେଟ୍ ପୋଲିସ ନୁହେଁ, ଭଦ୍ରକ ପୋଲିସରେ ମଧ ଏହି ନକଲି ବାବୁଙ୍କ ଦବଦବା ଥିବା କୁହାଯାଉଛି। ଏବେ ଦେଖନ୍ତୁ ସୋସିଆଲ୍ ମିଡ଼ିଆରୁ ମିଳିଥିବା ଡିଏସପି ପଦର ପ୍ରମୋଶନ ଲେଟରକୁ। ଗତକାଲି ଆପଏଣ୍ଟମେଣ୍ଟ ଲେଟର୍ ଦେଖାଇଥିଲୁ ଆମେ, ଏବେ ଦେଖନ୍ତୁ ପ୍ରମୋଶନ ଲେଟରକୁ। ରାଜ୍ୟ ଗୃହ ବିଭାଗର ବିଜ୍ଞପ୍ତିରେ ରହିଛି ମାନସର ନାଁ। ଅର୍ଥାତ ସବୁକିଛି ସରକାରୀ ବିଧି ବ୍ୟବସ୍ଥାରେ କରିଛି। ଯାହାର ଏବେ ଖୋଳତାଡ଼ କରୁଛି ପୋଲିସ। ଆଶ୍ଚର୍ଯ୍ୟର କଥା ହେଉଛି, ସୁରକ୍ଷା ବ୍ୟବସ୍ଥାର ଦାୟିତ୍ୱରେ ଥିବା ପୋଲିସକୁ ଏତେଦିନ ଧରି ମାନସ ଚକମା ଦେଉଥିଲା କେମିତି ? ଏସବୁ ଫଟୋ ଓ ସରକାରୀ ଚିଠି ଯଦି ସତ, ତେବେ ଦୀର୍ଘ ୫ ବର୍ଷ ଧରି କେମିତି ଜଣେ ନକଲି ଏବଂ ଠକକୁ ଆଶ୍ରୟ ଦିଆଯାଇଥିଲା କମିଶନରେଟ୍ ପୋଲିସରେ ? ଏତେଦିନ ଧରି କେହି ଜାଣିପାରିଲେ ନାହିଁ କେମିତି ? ନକଲି ପୋଲିସର ଏଭଳି ଖତରନାକ୍ ଖେଳ ଭିତରେ ଗତକାଲି ଜବତ ଜାଲ୍ ନୋଟକୁ ନେଇ ବି ଉଠିଛି ନାନା ପ୍ରଶ୍ନ। ୧ ଲକ୍ଷ ୯୩ ହଜାର ଟଙ୍କାର ଜାଲ୍ ନୋଟ କେଉଁଠୁ ଆସିଲା ? କୁଆଡ଼େ ଯାଉଥିଲା ? ଏହା ପଛରେ ଆଉ କିଏ ? ଖାକି ପୋଷାକକୁ ସୁରକ୍ଷା କବଚ ସଜାଇ ଜାଲ୍ ନୋଟର ବେପାର ଚଳାଇଥିଲା କି ଏହି ନକଲି ଡିଏସପି ? ଏ ସଂପର୍କରେ ବିସ୍ତୃତ ତଥ୍ୟ ଜାଣିବା ପାଇଁ ପୁଣି ଏକ ମାମଲା ରୁଜୁ କରି ତଦନ୍ତ କରାଯିବା ସହ ଅଭିଯୁକ୍ତକୁ ଖୁବଶୀଘ୍ର ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କମିଶନର କହିଛନ୍ତି।

## ଆସନ୍ତା ୩୦ରେ ମୁଖ୍ୟମନ୍ତ୍ରୀ ବାଣ୍ଟିବେ ୫୦ ହଜାର ଘର



ଭୁବନେଶ୍ୱର, ୨୫/୩: କଳାହାଣ୍ଡିରେ ଚଳିତମାସ ୩୦ରେ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ଘର ମୁଖ୍ୟମନ୍ତ୍ରୀ ବାଣ୍ଟିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୪ ଲକ୍ଷ ୨୨ହଜାର ୭୭୧ଜଣ ପିଏମ୍ ଆବାସ ଯୋଜନାରେ ପଞ୍ଜୀକରଣ ହୋଇ ସାରିଲେଣି। କେତେକ ସ୍ଥାନରେ ପାତରଅନ୍ତର ହେଉଥିବା ଅଭିଯୋଗ ଆସିଥିଲା, ତାକୁ ବିଭାଗ ଗୁରୁତ୍ୱ ଦେଇଛି। ଚଳିତ ମାର୍ଚ୍ଚ ୩୧ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ପାଇବାକୁ କେତେ ପଞ୍ଜୀକରଣ କରିଛନ୍ତି ତା'ର ତାଲିକା ବିଭାଗର ହସ୍ତଗତ ହେବ। ପଞ୍ଚାୟତ ଏବଂ ବ୍ଲକସ୍ତରର ଅଧିକାରୀ ଯଦି ଯୋଗ୍ୟ ହିତାଧିକାରୀଙ୍କୁ ଛାଡ଼ିଥିବେ, ଯେଉଁଠୁ ଅଭିଯୋଗ ଆସିବ ସେହି କ୍ଷେତ୍ରରେ ବିଭାଗ ସେମାନଙ୍କ ପାଖରେ ପହଞ୍ଚିବ। ଯଦି ପାତର ଅନ୍ତର ହୋଇଥିବ, ଉଦ୍ଦେଶ୍ୟମୂଳକ ଭାବେ ତାଲିକାରେ ହିତାଧିକାରୀକୁ ନେଇ ନ ଥିବେ, ତା'ହେଲେ କାର୍ଯ୍ୟାନୁଷ୍ଠାନ ହେବ। ବାଦ୍ ପଡ଼ିଥିବା ହିତାଧିକାରୀ ଜିଲାପାଳ ଏବଂ ସିଡିଓଙ୍କ ପାଖରେ ଅଭିଯୋଗ କରିପାରିବେ।

# ଅନ୍ଧବିଶ୍ୱାସରେ କବଳିତ ଓଡ଼ିଶା

## ୫ ବର୍ଷରେ ୪୦୮ ଗୁଣିଗାରେଡ଼ି ମାମଲା, ମୟୂରଭଞ୍ଜ ହଟ୍‌ସ୍ପଟ୍

ଭୁବନେଶ୍ୱର, ୨୫/୩: ଚନ୍ଦ୍ରପୃଷ୍ଠରେ ଲୋକେ ଘର କଲେଣି; କିନ୍ତୁ ଓଡ଼ିଶାରେ ଏବେ ବି ଅନ୍ଧବିଶ୍ୱାସ ଥମିବାର ନାଁ ଧରୁନି। ଅନ୍ଧବିଶ୍ୱାସରେ ଓଡ଼ିଶା କବଳିତ ହୋଇଥିବା ବେଳେ ଗୁଣିଗାରେଡ଼ି ସନ୍ଦେହରେ ଗଡୁଛି ମୁଣ୍ଡ। ପ୍ରତିଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଗୁଣିଗାରେଡ଼ି ନେଇ ହତ୍ୟା, ସାମାଜିକ ବାସନ୍ଦ ଭଳି ଘଟଣା ପଦାକୁ ଆସୁଛି। ଉପାନ୍ତରୁ ଉପକୂଳ ଜିଲ୍ଲାଗୁଡ଼ିକରେ ଅନ୍ଧବିଶ୍ୱାସକୁ କେନ୍ଦ୍ରକରି ଜଘନ୍ୟ ହତ୍ୟା ଭଳି ଘଟଣା ଘଟୁଛି। ଗାଁ ଓ ପରିବାରରେ ଗୁଣିଗାରେଡ଼ିକୁ ନେଇ ଅଶାନ୍ତ ହେଉଛି। ଗତ ୫ ବର୍ଷରେ ରାଜ୍ୟରେ ୪୦୮ଜଣ ଗୁଣିଗାରେଡ଼ି ମାମଲାରେ ୩୯୫ ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଗୁଣିଗାରେଡ଼ିର ହଟସ୍ପଟ୍ କୁହାଯାଉଛି। ରାଜ୍ୟରେ ଯେତିକି ବି ମାମଲା ବା ଗିରଫଦାରୀ ହୋଇଛି, ସେଥିରୁ ଏକ-ତୃତୀୟାଂଶ ମୟୂରଭଞ୍ଜ ଜିଲ୍ଲାରେ ଘଟିଛି। ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୪ରେ ୬୨ଟି ମାମଲା ରୁଜୁ ହୋଇଛି। ଏଥିରେ ୪ ମହିଳାଙ୍କ ସମେତ ୪୮ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧୬ଟି ମାମଲାରେ ୭ ଜଣ ଗିରଫ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ୮ ମାମଲା ଓ ନବରଙ୍ଗପୁରରେ ୭ ମାମଲାରେ ୪ଜଣ ଲେଖାଏଁଙ୍କୁ ଗିରଫ କରାଯାଇଛି। ୨୦୨୩ରେ ୭୦ଟି ମାମଲାରେ ୨ ମହିଳାଙ୍କୁ ମିଶାଇ ୫୨ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୨୬ଟି ମାମଲାରେ ୧୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ରାଉରକେଲାରେ ୮ ମାମଲାରେ ୩ଜଣ ହୋଇଛନ୍ତି। ୨୦୨୨ରେ ୧୦୩ଟି ମାମଲା ୧୩ ମହିଳାଙ୍କୁ ମିଶାଇ ୮୯ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜରେ ସର୍ବାଧିକ ୪୦ଟି ମାମଲାରେ ୨୦ ଜଣ ଓ ଗଞ୍ଜାମ ୫ମାମଲାରେ ୩୨ ଜଣ ଗିରଫ ହୋଇଛନ୍ତି। ୨୦୨୧ରେ ୭୯ଟି ମାମଲାରେ ୩ ମହିଳାଙ୍କୁ ମିଶାଇ ୧୦୨ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜରେ ୨୮ଟି ମାମଲା ରୁଜୁ ହୋଇ ୨୫ଜଣ ଓ କନ୍ଧମାଳରେ ୩ଟି ମାମଲାରେ ୩୦ଜଣ ଗିରଫ ହୋଇଛନ୍ତି। ଅନୁରୂପ ଭାବେ, ୨୦୨୦ରେ ୯୪ଟି ମାମଲାରେ ୧୪ ମହିଳା ସହ ୧୦୪ଜଣଙ୍କୁ ଗିରଫ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାରେ ୩୫ଟି ମାମଲାରେ ୨୮ ଜଣ ଓ କଳାହାଣ୍ଡିରେ ୩ଟି ମାମଲାରେ ୧୭ଜଣ ଏବଂ କନ୍ଧମାଳରେ ଗୋଟିଏ ମାମଲାରେ ୧୦ଜଣ ଗିରଫ ହୋଇଛନ୍ତି। ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ଗୁଣିଗାରେଡ଼ି ମାମଲା ରୁଜୁ କରାଯାଉଛି। ମୟୂରଭଞ୍ଜ ସମେତ ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ, ନବରଙ୍ଗପୁର, ରାୟଗଡା, କେନ୍ଦୁଝର, ରାଉରକେଲା, ସମ୍ବଲପୁର, ନୟାଗଡ଼, ବରଗଡ, ଗଜପତି, ବ୍ରହ୍ମପୁର, ଝାରସୁଗଡା ଭଳି ଜିଲ୍ଲାରେ ଗୁଣିଗାରେଡ଼ି ମାମଲା ବୃଦ୍ଧି ହେଉଛି। ଗୁଣିଗାରେଡ଼ି ରୋକିବାକୁ ବ୍ୟାପକ ସଚେତନତା ସତ୍ତ୍ୱେ ବି ଅଙ୍କୁଶ ଲାଗୁନି।



ଗୁଣିଗାରେଡ଼ି ସାମାଜିକ ବ୍ୟାଧି ତଥା ଅନ୍ଧବିଶ୍ୱାସ ହୋଇଥିବା ବେଳେ ଏହାକୁ ନେଇ ଗାଁରେ ଅଶାନ୍ତର ବାର୍ତ୍ତାବରଣ ଓ ସୃଷ୍ଟି ହେଉଛି।

# ଐତିହାସିକ ବାଣପୁର ପଞ୍ଚୁଦୋଳ ଯାତ୍ରାରେ ପାଞ୍ଚ ଦିନ ବ୍ୟାପି ଆଇନ ସଚେତନତା ଶିବିର

ବାଣପୁର **୨୫/୩(ନି.ପ୍ର):** ଐତିହାସିକ ବାଣପୁର ପଞ୍ଚୁଦୋଳ ମେଳନ ପଡିଆରେ ଜିଲ୍ଲା ତଥା ଦୌରା ଜଜ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ନିଶିଥ ନିଶାଙ୍କଙ୍କ ନିର୍ଦ୍ଦେଶକ୍ରମେ ତାଲୁକ ଆଇନ ସେବା ସମିତି ବାଣପୁର ତରଫରୁ ଏକ ଆଇନ ସଚେତନତା ସ୍ଥାୟୀ ଶିବିର ଖୋଲାଯାଇଥିଲା । ଉକ୍ତ ଶିବିରକୁ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଉଦଘାଟନ କରିଥିଲେ । ଉକ୍ତ ସ୍ଥାୟୀ ଶିବିରଟି ଗତ ୧୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଜାରି ରହିଥିଲା । ମେଳନ ଦେଖିବା ପାଇଁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ଉକ୍ତ ଶିବିରକୁ ଆସି ବିଭିନ୍ନ ଆଇନ ସେବା ସମ୍ପର୍କିତ ତଥ୍ୟ ଜାଣିଥିଲେ । ଉକ୍ତ ଶିବିରରେ ବିଭିନ୍ନ ଆଇନ ସେବା ତଥା ଆଇନ ପରାମର୍ଶ, ଯୋଗ୍ୟ ହିତାଧିକାରୀ, ସମ୍ମୁଖ ଅଫିସ ର କାର୍ଯ୍ୟ, ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ଭୂମିକା, ମଧ୍ୟସ୍ଥତା କେନ୍ଦ୍ରର କାର୍ଯ୍ୟ ଏବଂ ନ୍ୟାୟ ସଂଯୋଗ ବିଷୟରେ ବ୍ୟାନର, ପ୍ରଚାରପତ୍ର ତଥା ଡାକବାଜି ମାଧମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ନିଃଶୁଳ୍କ ଆଇନ ସେବାର ପ୍ରଚାର ପ୍ରସାର ତଥା ପ୍ରାଧିକରଣ ର ବିଭିନ୍ନ କାର୍ଯ୍ୟ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଉକ୍ତ ଶିବିରଟି ଖୋଲାଯାଇଥିଲା । ଉକ୍ତ ଶିବିରରେ ପାରା ଲିଗାଲ ସ୍ୱେଚ୍ଛାସେବୀ ତଥା ଆଇନ ସେବା ସମିତିର ସଚିବ ପ୍ରମୋଦ କୁମାର ଭୋଇ, ସମିତି ସହାୟକ ଶିବ ଚରଣ ବେହେରା ଆଦି ଉପସ୍ଥିତ ରହି ଶିବିରକୁ ସଫଳ ଭାବେ ପରିଚାଳିତ କରିଥିଲେ । ଉକ୍ତ ଶିବିର ପ୍ରତିଷ୍ଠାରେ ପଞ୍ଚୁଦୋଳ କମିଟିର ସଭାପତି ତଥା ତହସିଲଦାର ଟି. ପଦ୍ମନାଭ ଦୋରା, ସମ୍ପାଦକ ମାଧବ ବାରିକି ଏବଂ କମିଟିର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ । ତେବେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଚଳିତବର୍ଷ ପ୍ରଥମଥର ପାଇଁ ଜନସାଧାରଣଙ୍କ ନିମନ୍ତେ ପଞ୍ଚୁଦୋଳରେ ଉକ୍ତ ଆଇନ ସଚେତନତା ଶିବିର ଖୋଲାଯାଇଥିବାରୁ ବୁଦ୍ଧିଜୀବୀ ମାନେ ଉକ୍ତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ବରଗଡ଼ **୨୫/୩(ନି.ପ୍ର):** ବରଗଡ଼ ଜିଲ୍ଲା ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲା ସହାୟ ମୀନାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା,ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିରୁପମା ଷଡଙ୍ଗୀ ଏବଂ ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ,ପାନୀୟ ଜଳ ଯୋଗାଣ, ରାସନ କାର୍ଡ,ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା,ରାସ୍ତା ନିର୍ମାଣ,କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୯୯ ଗୋଟି ଅଭି ଯୋଗ ମଧ୍ୟରୁ ୮୦ ଗୋଟି ବ୍ୟକ୍ତିଗତ,୧୯ ଗୋଟି ସାମୁହିକ ଅଭିଯୋଗ ଏବଂ ଶୁଣାଣି ସମୟରେ ସେଥି ମଧ୍ୟରୁ ୪ ଗୋଟି ଅଭିଯୋଗର ତତକ୍ଷଣାତ ସମାଧାନ କରି ଅନ୍ୟ ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦୀର୍ଘଦିନ ପରେ ରଘୁନାଥପୁର ଅଂଚଳରେ ସକ୍ରୀୟ ହେଉଛି ବିଜେପି



ଜଗତସିଂହପୁର ତା ୨୫ ।୩(ନିପ୍ର), ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅଂଚଳର ଜଗନ୍ନାଥପୁର ବଜାରରେ ସ୍ଥାନୀୟ ବିଜେପି ପକ୍ଷରୁ ଏକ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି। ଗତ ସୋମବାର ୨୪ ତାରିଖ ଅପରାହ୍ନରେ ଉଦ୍‌ଘାଟିତ ହୋଇଥିବା କାର୍ଯ୍ୟାଳୟକୁ ଅଂଚଳର ବରିଷ୍ଠ ବିଜେପି ନେତା ନିର୍ମଳ ମହାପାତ୍ର ଓ ସୁକାନ୍ତ ସ୍ୱାଇଁ କାର୍ଯ୍ୟାଳୟଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରକାଶଥାଉକି, ଗତ ସାଧାରଣ ନିର୍ବାଚନରେ ତିର୍ତୋଲ ନିର୍ବାଚନ ମଣ୍ଡଳୀରେ ବିଜେପି ଦଳକୁ ପରାଜୟ ସ୍ୱୀକାର କରିବାକୁ ପଡିଛି। ଏହି ପରାଜୟ ପରେ ରଘୁନାଥପୁର ଅଂଚଳରେ ଥିବା ଆଗୁଆ ବିଜେପି କର୍ମୀମାନେ ନିଜ ଦଳର କେତେକ ଛାମୁଁଆ ନେତାଙ୍କୁ ଆର୍ନ୍ତଘାତି କାର୍ଯ୍ୟ ପାଇଁ ଦାୟୀ କରି ଆଜି ପର୍ଯ୍ୟନ୍ତ ଟୁପୁର ଟାପୁର ହେଉଛନ୍ତି। ଏହି ରଘୁନାପୁର ଅଂଚଳରେ ବିଗତ ଦିନରେ ପୂର୍ବ ସରକାରକୁ ବିଭିନ୍ନ ଦୋଷ ତୃଟି ପାଇଁ ରାଜରାସ୍ତାରେ ବିରୋଧ କରିଥିବା ଛାମୁଁଆ କର୍ମୀଙ୍କୁ ଏଠାରେ ଗୁରୁତ୍ୱ ଦିଆନଯିବା ନେଇ ସର୍ବଦା ଗୋଷ୍ଠି କନ୍ଦଳର ଆଭାସ୍ ମିଳୁଛି। ତେବେ ବିଜେପିର ଏହି ଲଢୁଆ କର୍ମୀମାନେ ଆଉ ଅପେକ୍ଷା ନକରି ଦଳର ସଂଗଠନକୁ ରଘୁନାଥପୁର ଅଂଚଳରେ ମଜବୁତ୍ କରିବା ପାଇଁ ଆଜିର ଏହି ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟନ ହେଲା ବୋଲି ଉପସ୍ଥିତ କର୍ମୀ ଓ ନେତୃବୃନ୍ଦ ମତ ପ୍ରକାଶ କରିଥିଲେ। ରଘୁନାଥପୁର ବ୍ଲକ୍ ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ମହାରଣାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଘାଟନି ଉତ୍ସବରେ ଓବିସି ମୋର୍ଚ୍ଚାର ଜିଲ୍ଲା ସଭାପତି ସୁବୋଧ ବାରିକ୍, ପୂର୍ବତନ ମଣ୍ଡଳ ପ୍ରତିନିଧି ଶିବପ୍ରସାଦ ଦାସ, ଗଣେଶ୍ୱର ସାହୁ, ପ୍ରଭଞ୍ଜନ ମଲ୍ଲିକ୍, ସୌମ୍ୟ ରଞ୍ଜନ ଭୂୟାଁ, ଅସିତ୍ ମହାରଣା, ସୁଭେନ୍ଦୁ ଦାସ, ଆଶିଷ ସାମଲ, ବିବେକାନନ୍ଦ ପଟ୍ଟନାୟକ, ବିନୋଦ ବିହାରୀ ପଟ୍ଟନାୟକ. ପବିତ୍ର ପାଣି, ଜ୍ଞାନେନ୍ଦ୍ର ସ୍ୱାଇଁ, ଦିପ୍ତୀ ରଞ୍ଜନ ସାହୁ, ବାବୁଲା ଭୋଳ, ସୁବାସ ମହାରଣା, ଅଜୟ ସ୍ୱାଇଁ, ପ୍ରଭାତ ପଣ୍ଡା, ଲିଙ୍ଗରାଜ ବାରିକ, ସୁମିତ ମଣ୍ଡଳଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଖଡ଼ିବେଡା ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ



ପାଟଣା **୨୫/୩(ନି.ପ୍ର):** ସାହାରପଡା ବ୍ଲକ ଅନ୍ତର୍ଗତ କୁଣ୍ଡଳା ପଞ୍ଚାୟତ ଅନ୍ତର୍ଗତ ଖଡ଼ିବେଡାସାହି ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଖୁ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ର ମୁଖ୍ୟ କାରଣ ପରିବେଶ ନଷ୍ଟ ଏବଂ ଏଥି ନିମନ୍ତେ ଶିଶୁ ଙ୍କ ପାଇଁ ଗଛ ଟିଏ ପାଇଁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଭୂତତ୍ତ୍ୱବିତ ରମାକାନ୍ତ ମହାନ୍ତ , ଡାଳପକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ସେଠି, କୁଣ୍ଡଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଅସାଡୁ ନାଏକ, ସମିତିସଭ୍ୟ ପ୍ରତିନିଧି ଦୁର୍ଯ୍ୟୋଧନ ମହାନ୍ତ, ତାଳପଦା ପ୍ରଧାନଶିକ୍ଷକ ଶଙ୍ଖପତି ମହାନ୍ତ, କେନ୍ଦୁଯୋଡ଼ା ପ୍ରଧାନଶିକ୍ଷକ ରାଜକିଶୋର ନାଏକ ଯୋଗ ଦେଇ ଆଜିର ଶିଶୁ କାଲି ଭାରତର ନାଗରିକ, ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଆଲୋକପାତ କରିଥିଲେ । ଏମ୍ କେ ଉଚ୍ଚ ବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ମହାନ୍ତ କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିଥିଲେ । ପ୍ରଧାନଶିକ୍ଷକ ସଦାନନ୍ଦ ସେଠି ଙ୍କ ଉପସ୍ଥିତି ରେ ସହକାରୀ ଶିକ୍ଷକ ରଞ୍ଜନ କୁମାର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସର ରେ ପୂର୍ବତନ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ମାନୀତ କରାଯିବା ସହ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି କୈଳାସ ମହାନ୍ତ ସମେତ ଅଭିଭାବକ ଙ୍କ ସହ ଆସ୍ୱାୟାର ର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ପାଟଣେଶ୍ୱରୀ ମନ୍ଦିର ସାଲେଭଟା ଉନ୍ନତି କରଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ



ବଲାଙ୍ଗିର,୨୫/୦୩ - ବଲାଙ୍ଗିର ଜିଲ୍ଲା ସାଲେଭଟା ଗ୍ରାମ ଐତିହ୍ୟ ପାଟଣାକ୍ଷେଟ ସମୟରେ ଗୋଟିଏ ଗମ୍ଭିରାରେ ପୂଜା ପାଉଛନ୍ତି ମାଁ ପାଟଣେଶ୍ୱରୀ ଓ ମାଁ ସମଲେଶ୍ୱରୀ । କେଉଁ ଆଦିମ କାଳରୁ ଦେବୀ ପୂଜା ପାଇ ଆସୁଥିବା ବେଳେ ପାଟଣା କ୍ଷେଟ ସମୟର ଓମ୍ ନଦୀରେ ପ୍ରଭାବିତ ହୋଇଥିବା ସମ୍ବଲପୁର ଓ ପାଟଣା କ୍ଷେଟ ୧୫୦୦ ଖ୍ରୀଷ୍ଟାବ୍ଦ ରେ ମାଁ ପାଟଣେଶ୍ୱରୀ ପାଟଣାରାଜ୍ୟ ମୁହାଁ ହୋଇଛନ୍ତି ଏବଂ ମାଁ ସମଲେଶ୍ୱରୀ ସମ୍ବଲପୁର ମୁହାଁ ହୋଇ ପୂଜା ପାଉଛନ୍ତି । ହମା ଏବଂ ପାଟଣା ଭାଗ ହୋଇ ଚିହ୍ନଟ ହୋଇଥିଲା । ଏହି ମନ୍ଦିର ପାଇଁ ଦେବାଳୟ ସୁରକ୍ଷା କମିଟି ସାଲେଭଟା ଗ୍ରାମବାସୀ ଓ ପାଟଣେଶ୍ୱରୀ ମନ୍ଦିର ଗତ ୭ ଅଗଷ୍ଟ ୨୦୨୪ ରେ ସ୍ଥାନୀୟ ସାର୍କିଟ ହାଉସରେ ଡ. ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ପତ୍ର ସଂଖ୍ୟା ୨୯/ ୨୦୨୪ ରେ ଦାବି ପ୍ରଦାନ କରାଯାଇଥିଲା । ମନ୍ଦିର ଉନ୍ନତିକରଣ ସକାଶେ ମୁଖ୍ୟମନ୍ତ୍ରୀ ଏସ୍‌ପିଏଫ୍ ଫଣ୍ଡରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଦେବାଳୟ ସୁରକ୍ଷା କମିଟି ଏବଂ ସାଲେଭଟା ପାଟଣେଶ୍ୱରୀ ମନ୍ଦିର କମିଟି ସୂଚନା ପ୍ରଦାନ କରିଛନ୍ତି ପ୍ରେସ ବିବୃତ୍ତି ଜରିଆରେ ।

# ନାଚ ଚାଲିଥିବା ବେଳେ କଳାକାର ଅସୁସ୍ଥ : ମେଡିକାଲରେ ମୃତ୍ୟୁ

ବାଲିଗୁଡା **୨୫/୩(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ କୁଡୁତୁଲି ପଞ୍ଚାୟତରେ ଯଜ୍ଞ ପାଇଁ ଗ୍ରାମର ଯୁବକ ସଂଘ ପକ୍ଷରୁ ସଂପୂର୍ଣ୍ଣ ରାମାୟଣ ନାଟକ ଚାଲିଥିବା ବେଳେ ନାଟକର ମନ୍ଥରା ଅଭିନୟ କରୁଥିବା କଳାକାର ବୈକୁଣ୍ଠ ସାହୁଙ୍କର ଦେହ ହଠାତ ମଞ୍ଚ ଉପରେ ଖରାପ ହେବାରୁ ଯୁବକ ସଂଘ ସଦସ୍ୟ ମାନେ ସଙ୍ଗେ ସଙ୍ଗେ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ, ହେଲେ ସେଠାରେ କଳାକାର ବୈକୁଣ୍ଠଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏହି କଳାକାରଙ୍କ ଅକାଳ ମୃତ୍ୟୁରେ ସମଗ୍ର ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିବା ବେଳେ ନାଟକୁ ବନ୍ଦ କରାଯାଇଥିଲା।

# ଧର୍ମପ୍ରାଣା ମହିଳା କେତକୀଙ୍କ ପରଲୋକ

ବଲାଙ୍ଗୀର, ୨୫/୩: ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ନିବାସୀ ଧର୍ମପ୍ରାଣା ମହିଳା କେତକୀ ତ୍ରିପାଠୀ ଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଛି । ସେ ଜଣେ ମିଷ୍ଟଭାଷୀ,ପରୋପକାରୀ,ତଥା ସ୍ନେହୀ ବ୍ୟକ୍ତିତ୍ୱ ଭାବରେ ସାଇ ପଡିଶା ତଥା ଅଂଚଳରେ ପରିଚିତ ଥିଲେ । ସ୍ୱର୍ଗତ ସ୍ୱାମୀ ଆଦର୍ଶ ଶିକ୍ଷକ, ଲେଖକ ତଥା ସଂକୀର୍ତ୍ତନ ଗୁରୁ ଦିଲ୍ଲେଶ୍ୱର ତ୍ରିପାଠୀଙ୍କ ପ୍ରେରଣାଦାତ୍ରୀ ଭାବେ ରହି ବାନ୍ଧନଘୋର ଠାରେ ନିଜ ଉଦ୍ୟମରେ ଭବ୍ୟ ଶ୍ରୀରାମ ମନ୍ଦିର ସ୍ଥାପନା କରିଛନ୍ତି । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ମଳୟ,ପ୍ରଣୟ, ଅବ୍ୟୟ, ସଞ୍ଜୟ, ମନ୍ମୟ ଓ ଶ୍ରୀମୟ ପୁତ୍ରବଧୂ ଜୟନ୍ତୀ, ବିଜୟିନୀ, ମଞ୍ଜୁଲତା, ନୀହାରିକା, ରୀତା ତଥା ନାତି ନାତୁଣୀ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ତାଙ୍କୁ ଭଲ ପାଉଥିବା ଗ୍ରାମ ତଥା ଆଖପାଖର ବହୁ ବ୍ୟକ୍ତି ଓ ମହିଳା ଶବାଧାରରେ ଯୋଗ ଦେଇ ଅଶ୍ରୁଳ ବିଦାୟ ଦେଇ ଶେଷ ଦର୍ଶନ କରିଥିଲେ ।

# ମତ୍ସ୍ୟ ଚାଷୀ ଙ୍କୁ ଚିରସ୍ଥାୟୀ ଚାଷ ପାଇଁ ପ୍ରଶିକ୍ଷଣ



ପାଟଣା **୨୫/୩(ନି.ପ୍ର):** କେନ୍ଦୁଝର ଜିଲ୍ଲା ମତ୍ସ୍ୟ ବିଭାଗ, ଜର୍ମାନ ର ଗିଜ ସଙ୍ଗଠନ ଓ ପ୍ରଦାନ କେନ୍ଦୁଝର ଟିମ୍ ମିଳିତ ସହଯୋଗରେ ଗତ ମଙ୍ଗଳବାର କେନ୍ଦୁଝର ଜିଲ୍ଲା ମତ୍ସ୍ୟ ଅଧିକାରୀ ଙ୍କ କାର୍ଯ୍ୟାଳୟରେ ମତ୍ସ୍ୟ ଚାଷୀ ମାନଙ୍କ ପାଇଁ ସ୍ଥିର ଦୀର୍ଘସ୍ଥାୟୀ ମାଛ ଚାଷ ପଦ୍ଧତି ବିଷୟରେ ଏକ ଆଭିମୁଖ୍ୟତା କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ, ପାଟଣା ସହକାରୀ ମତ୍ସ୍ୟ ଅଧିକାରୀ ସ୍ମୃତି ରଞ୍ଜନ ଦଳେଇ ଏବଂ ଟିମ୍ ଲିଡର୍ ଦୋଲଗୋବିନ୍ଦ ପଣ୍ଡା, ପାଟଣା ଏବଂ ବାଂଶପାଳ ବ୍ଲକର ୬୦ ଜଣ ଅଂଶଗ୍ରହୀ ମତ୍ସ୍ୟ ଚାଷୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯକ୍ରମ ର ପ୍ରଥମାର୍ଦ୍ଧରେ ପ୍ରଦାନ ସଂଗଠନ ର ଚନ୍ଦ୍ରମଣି ଶବର ମାଛ ଚାଷ କରିବା ଉଦେଶ୍ୟ ବିଷୟରେ ବିଭିନ୍ନ ଦିଗ ସମ୍ପର୍କରେ କୃଷକମାନଙ୍କୁ ବୁଝାଇଥିଲେ। ଏହାପରେ ଦୋଳଗୋବିନ୍ଦ ପଣ୍ଡା, ମାଛ ଚାଷ କାର୍ଯ୍ୟକ୍ରମ ଉପରେ ସଂକ୍ଷିପ୍ତ ଆଲୋଚନା ଓ ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ବିଭିନ୍ନ ଦିଗ ସମ୍ପର୍କରେ ଓ ମାଛ ଚାଷ ମାଧ୍ୟମରେ ନିଜର ରୋଜଗାର ବୃଦ୍ଧି କରି ତା ସହିତ ପ୍ରାକୃତିକ ସମ୍ପଦର ରକ୍ଷା, ବନ୍ୟଜୀବଙ୍କ ପ୍ରତି କ୍ଷତିକାରକ ପ୍ରଭାବ କମାଇବା ଏବଂ ଲାଭକାରୀ ଉତ୍ପାଦନ ଦେବାକୁ ଲକ୍ଷ କରେ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅଭିମୁଖ୍ୟତା କାର୍ଯ୍ୟକ୍ରମ ସଭାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ସାମଲ ମାଛ ଚାଷ ବିଷୟରେ ବିଭିନ୍ନ ଦିଗ ସମ୍ପର୍କରେ ଚାଷୀ ମାନଙ୍କୁ ବୁଝାଇଥିଲେ ଓ ସରକାରୀ କାର୍ଯ୍ୟକ୍ରମ ଗୁଡ଼ିକ ଯଥା ମତ୍ସ୍ୟ ଚାଷ ଯୋଜନା, ନର୍ସରି ପରିଚାଳନା ଏବଂ ଗ୍ରୋ ଆଉଟ୍ ଟେକ୍ନୋଲୋଜି ବିଷୟରେ ଜୋର ଦେବା ସହିତ ଅଧିକରୁ ଅଧିକ କ୍ଷେତ ପୋଖରି , ପଞ୍ଚାୟତ ପୋଖରି ଏବଂ ନର୍ସରି ପୋଖରି କରିବା ପାଇଁ ଏବଂ କୃଷକମାନଙ୍କ ଜୀବିକାର ଉନ୍ନୟନରେ ସଂଲଗ୍ନ କରାଇବା ସହ ସ୍ଥାନୀୟ ଦୀର୍ଘସ୍ଥାୟୀ ମାଛ ଚାଷ ପଦ୍ଧତିକୁ ଉନ୍ନତ କରି ଉତ୍ପାଦନ ଏବଂ ସ୍ଥିରତା ବୃଦ୍ଧି କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସାହାଯ୍ୟ କରିବା ଉପରେ ମତ ରଖିଥିଲେ । ଏହା ସହ ଜିଲ୍ଲାକୁ ମାଛ ଚାଷ କ୍ଷେତ୍ରରେ ଅଗ୍ରଣୀ କରିବା ଉପଲକ୍ଷେ ଜାଗୃତି ଓ ଉଦ୍ୟମ ଜାରି ରଖିବା ଇତ୍ୟାଦି ଉପରେ ବିସ୍ତାର ବୁଝାଇଥିଲେ। ଏହି ସଭାରେ ମହିଳା ସୟଂ ସହାୟକ ଗୋଷ୍ଠୀ ସଦସ୍ୟ ନିଜ ନିଜ ଦଳର ପରିଚୟ ଦେଇ ମାଛ ଚାଷ ବିଷୟରେ ମତ ରଖିଥିଲେ ।

# ବରଗଡ଼ ସାହିତ୍ୟ ସାଂସଦ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସାହିତ୍ୟ ମହୋତ୍ସବ 'କାବ୍ୟ ଫଗୁଣ ' ଆୟୋଜିତ

ବରଗଡ଼ **୨୫/୩(ନି.ପ୍ର):** ହୋଟେଲ ଗଣପତି, ବରଗଡ ଠାରେ ବିଶ୍ୱ କବିତା ଦିବସ ଉପଲକ୍ଷେ ବରଗଡ ସାହିତ୍ୟ ସଂସଦ ଦ୍ୱାରା ରାଜ୍ୟ ସ୍ତରୀୟ ସାହିତ୍ୟ ଉତ୍ସବ 'କାବ୍ୟ ଫଗୁଣ' ଆୟୋଜିତ ହୋଇ ଯାଇଛି.ରୋହିତ ଦାଶ ଙ୍କ ସଭାପତିତ୍ୱ ରେ ଆରମ୍ଭ ହୋଇଥିବା ଏ ଉତ୍ସବ କୁ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣା ଆନୁଷ୍ଠାନିକ ଭାବେ ଉଦଘାଟନ କରି ସାହିତ୍ୟ ରେ ଅନୁବାଦ ର ଭୂମିକା ଉପରେ ଆଲୋକପାତ କରି ଅନୁବାଦ ସାହିତ୍ୟ ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ମୁଖ୍ୟ ଆଲୋ ଚକ ଭାବେ ବିଶିଷ୍ଟ ସମାଲୋଚକ ଡ଼ ଛାୟାକାନ୍ତ ଷଡଙ୍ଗୀ ଯୋଗ ଦେଇ କହିଥିଲେ 'ଆକ୍ଷରିକ ଅନୁବାଦ ଠାରୁ ଭାବାତ୍ମକ ଅନୁବାଦ ବେଶୀ ଗୁରୁତ୍ୱପୂର୍ଣ୍ଣ. ମୁଳ ରଚନା ରେ ଥିବା ଆବେଗ ଓ ଉଚ୍ଛ୍ୱାସ ଯଦି ଅନୁବାଦିତ କବିତା ରେ ଫୁଟି ନ ପାରିବ ତେବେ ଅନୁବାଦ ବିଫଳ ହେବ। କବିତା ତରଳ ପଦାର୍ଥ ନୁହେ ଯେ ଗୋଟିଏ ପାତ୍ର ରୁ ଆଉ ଗୋଟିଏ ପାତ୍ର କୁ ଢ଼ାଳି ଦେଇହେବ ।ଶବ୍ଦ ଓ ଅର୍ଥ କେବେ ବିଛିନ୍ନ ହୋଇ ପାରନ୍ତି ନାହିଁ।'ବେଦ, ଉପନିଷଦ, ରାମାୟଣ, ମହାଭାରତ ଓ ଇଉରୋପିୟ ସାହିତ୍ୟ ରୁ ବହୁ ଉପାଦେୟ ତତ୍ତ୍ୱ ଉଦ୍ଧାର କରି ସେ ଏକ ସାରଗର୍ଭକ ବକ୍ତବ୍ୟ ରେ ଶ୍ରୋତା ଙ୍କୁ ଦୀର୍ଘ ଏକ ଘଣ୍ଟା କାଳ ବାନ୍ଧି ରଖିଥିଲେ। ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରା ଯାଇଥିଲା.ଡ଼ ଅଶୋକ ମହାପାତ୍ର ସଭା ର ଉଦେଶ୍ୟ ଜ୍ଞାପନ, ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।ଡ଼ ଭଗବତି କର ସ୍ୱାଗତ ସମ୍ଭାଷଣ ଦେଇଥିଲେ ।ଅନୁବାଦ କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୁଇଜଣ ଯୁବ ପ୍ରତିଭା ସୁକୋମଲ ଦାଶ ଓ ଡ଼ ସଂଘମିତ୍ରା ରାୟଗୁରୁ ଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରା ଯାଇଥିଲା ।ପ୍ରତ୍ୟୁତ୍ତର ରେ ସେମାନେ ସାରା ଜୀବନ ଅନୁବାଦ ରେ ବ୍ରତୀ ରହିବୁ ବୋଲି ସଂକଳ୍ପ କରିଥିଲେ ।କବି ରୋହିତ ଦାଶ ତାଙ୍କ ସଭାପତି ଅଭିଭାଷଣ ରେ ଓଡ଼ିଆ ସାହିତ୍ୟ ର ଉନ୍ନତି ପାଇଁ ଅନୁବାଦ ଖୁବ



ଗୁରୁତ୍ୱ ପୁର୍ଣ୍ଣ ଓ କବିମାନେ କବିତା ଲେଖିବା ସଙ୍ଗେ ଅନୁବାଦ ମଧ୍ୟ କରନ୍ତୁ ବୋଲି ଆହ୍ୱାନ କରିଥିଲେ ।କାର୍ଯ୍ୟକ୍ରମ ଆରମ୍ଭରୁ ଲରମ୍ଭା କଲେଜ ର ଓଡ଼ିଆ ଅଧ୍ୟାପିକା ଯଶୋବନ୍ତି ସା ଙ୍କ ଗଳ୍ପ ପୁସ୍ତକ ପୁଉଳିକା କୁ ଅତିଥି ମାନେ ଉନ୍ମୋଚନ କରିଥିଲେ ।ଅବସର ପ୍ରାପ୍ତ କଲେଜ ଅଧକ୍ଷ ପତିତ ପାବନ ସାହୁ ଙ୍କ ଅଧକ୍ଷତା ରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା ।ଏଥିରେ ଅନୁବାଦ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।ସଂଯୋଜକ ଭାବେ ଟିଟିଲାଗଡ ଡିଏଭି ର ଇଂରାଜୀ ଅଧ୍ୟାପିକା ବନ୍ଦନା କର ଓ ବରଗଡ଼ ପଂଚାୟତ ମହାବିଦ୍ୟାଳୟ ର ଇଂରାଜୀ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ କବିତା ଗୁଡିକ ର ସଂଯୋଜନା କରିଥିଲେ.ପଚାଶ ଜଣ କବି ବିଭିନ୍ନ ଭାଷା ରୁ ଅନୁଦିତ ମୌଳିକ ଓ ଅନୁବାଦ କବିତା ସବୁ ପାଠ କରିଥିଲେ.କବିତା ପାଠ ପରେ ଡ଼ ଉମେଶ ମହାପାତ୍ର ଅନୁବାଦ ସାହିତ୍ୟ ଉପରେ ଏକ ବିଶେଷ ବକ୍ତବ୍ୟ ରଖିଥିଲେ ।ପ୍ରଥମ ଅଧିବେଶନ ରେ ପଂଚାୟତ କଲେଜ ର ଛାତ୍ରୀମାନେ ପ୍ରାରମ୍ଭିକ ଓ ଉଦଯାପନୀ ସଂଗୀତ ରେ ଗଙ୍ଗାଧର ଙ୍କ ଦୁଇଟି ବସନ୍ତ ସଂଗୀତ ଗାନ କରିଥିଲେ ।ମଧ୍ୟାନ୍ତର ସଂଗୀତ ରେ ଅଶୋକ ପଶାୟତ ଅଶୋକ ମହାପାତ୍ର ଙ୍କ ଏକ ଗୀତ କୁ ସଂଗୀତ ରୂପ ଦେଇ ଥିଲେ ।ଦ୍ୱିତୀୟ ଅଧିବେଶନରେ ଶରତ ପାଢ଼ୀ ପ୍ରାରମ୍ଭିକ ଓ ଉଦଯାପନୀ ସଂଗୀତ ଗାନ କରିଥିଲେ ।ବ୍ୟଙ୍ଗକବି ସ୍ୱର୍ଗତ ମନ ମାଷ୍ଟ୍ରେ ଧନ୍ୟବାଦ ଅର୍ପଣ କରିଥିଲେ ।ଦାମୋଦର ସାହୁ,କିଶୋର ସାହୁ ଓ ଆଲୋକ ଦାଶ ସଭା ପରିଚାଳନା ରେ ସହଯୋଗ କରିଥିଲେ ।ସଭା ରେ ବରଗଡ଼ ତଥା ବିଭିନ୍ନ ଜିଲ୍ଲା ର କବି,ଲେଖକ ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନେ ଯୋଗଦାନ କରିଥିଲେ।

# ବରଡ଼ିପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡା **୨୫/୩(ନି.ପ୍ର):** ବୁଗୁଡା ବ୍ଲକ ଅନ୍ତର୍ଗତ ବରଡିପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ମାର୍ଚ୍ଚ ୨୪ ତାରିଖ ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ଶିକ୍ଷାବିତ ତଥା ବରିଷ୍ଠ ସାମ୍ବାଦିକ ଅନିଲ କୁମାର ମହାରଣା , ସିଆରସିସି ଦେବଦତ୍ତ ମହାନ୍ତି, ଏସଏମସି ସଭାପତି ବଂଶୀଧର ପ୍ରଧାନ ଓ ଉପସଭାନେତ୍ରୀ ସାଗରିକା ନାୟକ, ବିରଞ୍ଚିପୁର ୟୁ.ପି.ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ପାତ୍ର, ଦଦରାଖୋଲ ୟୁ.ପି.ସ୍କୁଲ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଗନ୍ତାୟତ, ଆଦିପୁର ୟୁ.ପି.ସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ସାହୁ ଓ ବୁଦ୍ଧଗିରି ବିଦ୍ୟାପୀଠ ଶିକ୍ଷୟିତ୍ରୀ ସବିତା କର ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିବା ସହ ସଂଯୋଜନା କରିଥିଲେ। ପୂର୍ବତନ ସଭାପତିଙ୍କ ସମେତ ପ୍ରାୟ ସମସ୍ତ ଛାତ୍ରଛାତ୍ରୀଙ୍କ ପିତା ଓ ମାତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିଥି ବୃନ୍ଦ ଅଭିଭାବକ ବୃନ୍ଦଙ୍କ କର୍ତ୍ତବ୍ୟ ବିଷୟରେ କହିବା ସହ ଛାତ୍ରଛାତ୍ରୀଙ୍କୁ ବହୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ସିଲଡ଼ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବୃନ୍ଦ ସୁନ୍ଦର ଖେଳନା ତଥା ଶିକ୍ଷଣ ସାମଗ୍ରୀ ନିର୍ମାଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ବୃନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ତ୍ରିଲୋଚନ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅସହାୟ ହଳଧର ଙ୍କୁ ଥଇଥାନ ଦାବି

ପାଟଣା **୨୫/୩(ନି.ପ୍ର):** ସାହାରପଡା ବ୍ଲକ ଅନ୍ତର୍ଗତ ଖଜିରାପାଟ ପଞ୍ଚାୟତ ଜୁମେଇ ଗ୍ରାମ ର ଅସହାୟ ବୃଦ୍ଧ ହଳଧର ନାଏକ(୮୦) ଙ୍କ ର ଗ୍ରାମରେ ଘରଦ୍ୱାର ନ ଥିବାରୁ ଯା ତା ଘରେ କାହା ବାରଣ୍ଡାରେ ବର୍ଷ ବର୍ଷ ଧରି ରହୁଥିବା ଜାଣିବାକୁ ମିଳିଛି । ପୁତୁରା ମାନଙ୍କଘରକୁ ଯାଇ ମାଗି ମାଗି ଖାଉଥିବା ଜଣାଯାଇଛି । ସେ ବିବାହ କରି ନଥିବାରୁ । ସ୍ତ୍ରୀ କିମ୍ବା ପୁଅ ଝିଅ କେହି ନାହାନ୍ତି ।ଯୁବକ ଅବସ୍ଥାରେ କାମ କରି ଚଳି ଯାଉଥିଲେ ସତ ଏବେ ବୟସ ଅଧିକ ହେବାରୁ କାମ କରି ନ ପାରି ମାଗି ମାଗି ଖାଉଥିବା ଗ୍ରାମବାସୀ କହିଛନ୍ତି । ତାଙ୍କୁ କୌଣସି ବୃଦ୍ଧା ଶ୍ରମରେ ଥଇଥାନ କରିବାକୁ ଗ୍ରାମବାସୀ ମାନେ ଦାବି ରଖିଛନ୍ତି । ନିକଟ ରେ କୌଣସି ବୃଦ୍ଧା ଶ୍ରମ ନ ଥିବାରୁ ଜିଲ୍ଲା ଖଣିଜ ପାଣ୍ଠି ରେ ନିର୍ମିତ ବଡ଼ବିଲ ର ବୃଦ୍ଧା ଶ୍ରମ ସହିତ ଗ୍ରାମ ର କିଛି ସ୍ୱେଚ୍ଛାସେବୀ ଯୋଗା ଯୋଗ କରିଥିଲେ ମାତ୍ର ସେଠାରେ ଆଉ ରଖି ହେବ ନାହିଁ ବୋଲି ସେଠାକାର କତୃପକ୍ଷ କହି ବାରୁ ନିରାଶ ହେବାକୁ ପଡିଲା ବୋଲି ଗ୍ରାମ ର ସଦାନନ୍ଦ ନାଏକ ପ୍ରକାଶ କରିଛନ୍ତି ।ତାଙ୍କୁ ସରକାର କୌଣସି ଠାରେ ଥଇଥାନ କରନ୍ତୁ ବୋଲି ଗ୍ରାମବାସୀ ଙ୍କ ପକ୍ଷରୁ ଦାବୀ ହେଉଛି ।

# ଚକ୍ରଧରପୁର ଡିଆରଏମଙ୍କ ବଡ଼ମଉଦା ଗୋଳାପୋଲ ପରିଦର୍ଶନ

ମୟୂରଭଞ୍ଜ **୨୫/୩(ନି.ପ୍ର):** ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ଡିଆରଏମ ତରୁଣ ହରିଆ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳଙ୍କ ସହିତ ସଡ଼କ ପଥରେ ବଡମଉଦା ଗ୍ରାମ ନିକଟରେ ଥିବା ରେଳ ଫାଟକର ଅନତି ଦୁରେରେ ନିର୍ମିତ ହୋଇଥିବା ରେଳ ବିଭାଗର ଗୋଳାପୋଲ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ମଧ ଉପସ୍ଥିତ ଥିଲେ। ଉକ୍ତ ଗୋଳାପୋଲ ଦେଇ ରାଜ୍ୟ ସରକାରଙ୍କ ଲକ୍ଷ୍ମୀବସ ତଥା ପିଡ଼ିଏସ ଚାଉଳ ଗାଡ଼ି ଇତ୍ୟାଦି ଭାରୀଯାନ ଯାତାୟାତ ସମ୍ଭବ ହୋଇ ନପାରିବା ପ୍ରତିବାଦରେ ହାତିଆ ପଂଚାୟତର ସମିତି ସଭ୍ୟ ସୁଗଦା ମାରାଣ୍ଡି ଓ ସରପଞ୍ଚ ଲାଲବହାଦୁର ସୋରେନଙ୍କ ସହିତ ଶତାଧିକ ପଂଚାୟତ ବାସୀଙ୍କ ସମ୍ବଳିତ ଅଭିଯୋଗ ପତ୍ର ସ୍ଥାନୀୟ ଲୋକସଭା ସଦସ୍ୟ ଡିଆରଏମ ତଥା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ତୁରନ୍ତ କ୍ଷେତ୍ର ପରିଦର୍ଶନ କରିବା ସହିତ ସମସ୍ୟାର ସମାଧାନ ଉପରେ ଡିଆରଏମଙ୍କୁ ଅବଗତ କରାଇଥିଲେ। ୧୩ ଦିନ ପରେ ଚକ୍ରଧରପୁର ଡିଭିଜନର ଡିଆରଏମ ଶ୍ରୀ ହରିଆ କ୍ଷେତ୍ର ପରିଦର୍ଶନ ସହିତ ଉପସ୍ଥିତ ଜନପ୍ରତିନିଧି ଓ ସାଧାରଣ ଜନତା ଙ୍କ ସହିତ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଉକ୍ତ ଗୋଳାପୋଲରେ ଲକ୍ଷ୍ମୀବସ ତଥା ଭାରୀଯାନ ଯାତାୟାତ ରେ କିଭଳି ଅସୁବିଧା ହେଉଛି ତାହାର ଡେମୋ ଦେଖାଇବା ସହିତ ବର୍ଷା ଦିନେ ୮ରୁ ୧୦ ଫୁଟ ନିଷ୍କାସନ ହେଇ ପାରିନଥିବା ତଥା ଉକ୍ତ ଗୋଳାପୋଲ ପ୍ରଭାବରେ ଚାଷ ଉପରେ ଗଭୀର ପ୍ରଭାବ ପକାଉଥିବାର ଗ୍ରାମବାସୀମାନେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ ।ଡିଆରଏମ ସମସ୍ତ ଅଞ୍ଚଳ ବୁଲି ଗ୍ରାମବାସୀଙ୍କ ଅଭିଯୋଗର ଗମ୍ଭୀରତା ଉପଲବ୍ଧି କରିଥିବାର ପରିଲକ୍ଷିତ ହୁଏ। ତେବେ ସମସ୍ୟାର ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ପୂର୍ବକ ଉକ୍ତ ଗଳା ପୋଲ ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ହେଲା ପର୍ଯ୍ୟନ୍ତ ଲକ୍ଷ୍ମୀ ବସ ଓ ଭାରୀ ଯାନ ଗୁଡିକ ରେଳ ଫାଟକ ଦେଇ ଆସନ୍ତା କାଲି ଠାରୁ ଯାତାୟାତ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି, ଯାହାକି ଦୀର୍ଘ ୧୨ଦିନର ଦାବି ପୂରଣ ହୋଇ ଥିବାରୁ ଉଭୟ ପଂଚାୟତ ବାସୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।ଡିଆରଏମଙ୍କ ସହିତ ଉକ୍ତ ଆଲୋଚନାରେ ହାତିଆ ପଂଚାୟତର ସମିତି ସଭ୍ୟ ଶ୍ରୀ ମାରାଣ୍ଡି, ସରପଞ୍ଚ ଶ୍ରୀ ସୋରେନ, ବରିଷ୍ଠ ଆଇନଜିବୀ କିଶୋର କୁମାର ମଣ୍ଡଳ, ସାଧୁଚରଣ ବେହେରା, ଦେବେନ ମୁଣ୍ଡା, ଗଣେଶ ଚନ୍ଦ୍ର ବାରିକ, ସୁଧନ୍ୟ ପରମାଣିକ, ସୁବ୍ରତ ସେଠିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସାଧାରଣ ପ୍ରଶାସନ ଓ ପୋଲିସ ପକ୍ଷରୁ ଜନ ସମ୍ପର୍କ ଶିବିର

ବାଲିଗୁଡା **୨୫/୩(ନି.ପ୍ର):** ସାଧାରଣ ପ୍ରଶାସନ ଓ ପୋଲିସ ପକ୍ଷରୁ ଜନ ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ସିନ୍ଦ୍ରିଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅୟୋଜନ ହୋଇଥିଲା ।କାର୍ଯ୍ୟକ୍ରମ ଆୟୋଜନ କରିବା ମୁଖ୍ୟ ଉଦେଶ୍ୟ ହେଲା ପଞ୍ଚାୟତରେ ବେଆଇନ ଗଞ୍ଜେଇ ଚାଷ ହେଉଛି। ଏହାକୁ ବନ୍ଦ କରିବା ସହ ପ୍ରଶାସନ ପକ୍ଷରୁ ଚାଷୀ ମାନଙ୍କୁ ମିଳୁଥିବା ସହାୟତା ଉପରେ ଅଭିଭାଷଣ ଦିଆଯାଇଥିଲା। ଉଦ୍ୟାନ ବିଭାଗର ଅତିରିକ୍ତ ଉଦ୍ୟାନ ଅଧିକାରୀ ନୀଳାଞ୍ଚଳ ପଣ୍ଡା ବିଭିନ୍ନ ଚାଷ କରି ଲାଭବାନ ହେବା ସହ ମିଳୁଥିବା ସବସିଡି ଉପରେ ଅଭିଭାଷଣ ଦେଇଥିଲେ ।ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଭିନ୍ନ ଚାଷ କରି ଲାଭବାନ ହୋଇଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଅଭିଭାଷଣ ଦେଇଥିଲେ ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରାସଦ ସମ୍ମାନିତ ଅତିଥି ବାଲିଗୁଡ଼ା ବିଡ଼ିଓ ଦୀପ୍ତି ପ୍ରକାଶ ବେହେରା, ଯୋଗ ଦେଇଥିବା ସହ ବ୍ଲକ୍ ଅଧକ୍ଷା ମିଶାବତି ମଲିକ, ଉପାଧକ୍ଷା ନିକୋଜିନି ଦିଗାଲ, ସ୍ଥାନୀୟ ସରପଞ୍ଚ ରଘୁନାଥ ମଲିକ, ସମିତି ସଭ୍ୟା ପ୍ରମିଳା ଦିଗାଲ, ଥାନା ଭାର ପ୍ରାପ୍ତ ଅଧିକାରୀ ସମ୍ବିତ କୁମାର ସ୍ୱାଇଁ, କୃଷି ଅଧିକାରି, ପ୍ରାଣୀ ଚିକିତ୍ସା ଅଧିକାରୀ ଲମ୍ବୋଦର ମହାପାତ୍ର ଓ ପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ।

## ସଂପାଦକୀୟ

# ଗୁରୁ - ନିର୍ବାଚନ

ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା? ସେ ପ୍ରବୃତ୍ତି ଅଭିଭୂତିର ଉର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା? ଯିଏ ପ୍ରକତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୂରାବସ୍ଥା ଆଉ କ'ଣ କିଛି ହୋଇପାରେ ?ଗୁରୁ ମାନେ ହିଁ ସଦ୍‌ଗୁରୁ ବା ଆଚାର୍ଯ୍ୟ । ଗୁରୁ ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତ ବିଗ୍ରହ । ସେ ହିଁ ରୂପାୟିତ ଈଶ୍ୱର ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି ବୃଦ୍ଧିର ପରମ ଅମୃତପଥ, ସମସ୍ତ ଦ୍ୱନ୍ଦ ଭିତରେ ଅନ୍ୱୟୀ ସ୍ୱାର୍ଥକତାର ସାରକେନ୍ଦ୍ର ।ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।ପ୍ରବୃତ୍ତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୂତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ । ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଳ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ଯେତେ ଦେହରେ, ଯେତେ ରୂପରେ, ଯେତେ ଥର ହିଁ ସେ ଆସନ୍ତୁ, ସେ ଜଣେ ହିଁ । ଈଶ୍ୱର ଯେପରି ଏକ ଓ ଅଦ୍ୱିତୀୟ, ଅବତାର ପୁରୁଷମାନେ ମଧ୍ୟ ସେହିପରି ଏକ ଓ ଅଦ୍ୱିତୀୟ । ଅବତାର ପୁରୁଷମାନଙ୍କ ମଧ୍ୟରେ ଭେଦ କରିବା ମହା ପାପ । ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ କୌଣସି ଭୁଲ ଭ୍ରାନ୍ତି ନାହିଁ । ତେବେ ତାଙ୍କର ସବୁ ଆଚରଣର ଅର୍ଥ ଆମ୍ଭେମାନେ ହୁଏତ ଠିକ୍ ଭାବରେ ବୁଝି ପାରୁ ନାହୁଁ । ତାହା ମଧ୍ୟ ବୁଝି ପାରିବୁ ଯଦି ତାଙ୍କ ପାଖରୁ ପଚାରି ଜାଣି ନେଉ । କାହାଙ୍କୁ ଗୁରୁ ବୋଲି ଗ୍ରହଣ କରିବା ଆଗରୁ ହିସାବ କରି ଗ୍ରହଣ କରିବା ଭଲ । କିନ୍ତୁ ଗୁରୁ ବୋଲି ଗ୍ରହଣ କରିବା ପରେ ଶ୍ରଦ୍ଧା ସହକାରେ ଅନୁସରଣ କରିବାକୁ ହୁଏ । କିନ୍ତୁ କେହି ଯଦି ଅବତାର ବା ବେତ୍ତା ଗୁରୁ ନ ହୁଅନ୍ତି ତାଙ୍କର ଉଚିତ୍ ନିଜକୁ ଦୀକ୍ଷା-ଉପଦେଷ୍ଟା ବା ଋତ୍ୱିକ୍ ବୋଲି ପରିଚିତ କରି ପୂର୍ବତନ ବେତ୍ତା ଗୁରୁଙ୍କୁ ଗୁରୁ ହିସାବରେ ଦେଖାଇ ଦେବା ଓ ସେହି ସଙ୍ଗେ ସଙ୍ଗେ ଜୀବନ୍ତ ସଦ୍‌ଗୁରୁ ବା ବେତ୍ତା ପୁରୁଷଙ୍କୁ ପାଇଲେ ତାଙ୍କୁ ଗ୍ରହଣ କରିବାକୁ କହିବା ଉଚିତ୍ । ଭଗବାନ୍ ଯୀଶୁ କହିଛନ୍ତି - ମୋ ମାଧ୍ୟମ ବ୍ୟତୀତ କେହି ପରମ ପିତାଙ୍କ ପାଖକୁ ଆସିପାରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ବୈଷ୍ଣବ ଶାସ୍ତ୍ରରେ ଅଛି - କୃଷ୍ଣଙ୍କର ଯେତେ ଲୀଳା ସର୍ବୋତ୍ତମ ନରଲୀଳା, ନରବପୁ ତାଙ୍କର ସ୍ୱରୂପ, ଗୋପ ବେଶ ବେଣୁକର, ନବ କିଶୋର ନଟବର, ନରଲୀଳା ହୁଏ ଅନୁରୂପ । କୋରାନ୍‌ରେ ଅଛି ପ୍ରେରିତଙ୍କୁ ବାଦ୍ ଦେଇ ଈଶ୍ୱରଙ୍କର ଉପାସନା ହୁଏ ନାହିଁ । ବୌଦ୍ଧ ଧର୍ମରେ ଅଛି - ବୁଦ୍ଧଂ ଶରଣଂ ଗଚ୍ଛାମି । ତେଣୁ ମୂଳ କଥା ହେଲା - ଆଦର୍ଶଙ୍କ ନିର୍ବାଚନ ବା ଗୁରୁ ନିର୍ବାଚନ । ସଦ୍‌ଗୁରୁ ହିଁ ଚିରୋପାସ୍ୟ ଓ ଚିର ବନ୍ଦନୀୟ ।ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟକୁ କହି ଦେବା ଉଚିତ୍ - ମୁଁ ଯାହା ଜାଣେ ତାହା ତୁମକୁ କହିଲି । କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତମଙ୍କର ସନ୍ଧାନରେ ରୁହ । ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ । ସେହିଭଳି କାହାକୁ ପାଇଲେ ମୋତେ ମଧ୍ୟ ଜଣାଅ । ମୁଁ ମଧ୍ୟ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି ।

# ତମସୋ ମାଂ ଜ୍ୟୋତିର୍ଗମୟ

ଭାରତ ଜନନୀ ତାର ସଂସ୍କୃତ ଭାଷା ଓ ସଂସ୍କୃତି ଏହି ଦୁଇଟି ବିଷୟ ପାଇଁ ସାରା ବିଶ୍ୱରେ ବନ୍ଦନୀୟା। ବାର ମାସରେ ତେର ପର୍ବ ପାଳିତ ହେଉଥିବା ଏହି ଦେଶରେ ପବିତ୍ର ପୁରୁଷୋ□ମ କା□କ ମାସର ଅମାବାସ୍ୟା ରାତ୍ରିରେ ସର୍ବତ୍ର ପ୍ରଜ୍ୱଳିତ ହୋଇଥାଏ ଅସଂଖ୍ୟ ଦୀପାଳି। ଏହି ପୂଣ୍ୟଭୂମି, କର୍ମଭୂମି, ଜନ୍ମଭୂମି ଭାରତବର୍ଷରେ ପାଳିତ ହେଉଥିବା ପ୍ରତ୍ୟେକ ପ୍ରଥା, ପରମ୍ପରା ତଥା ପର୍ବପର୍ବାଣୀ ପଛରେ ଲୁକ୍କାୟିତ ଥାଏ କୌଣସି ନା କୌଣସି ପୃଷ୍ଠଭୂମି ।ପୌରାଣିକ ଉପାଖ୍ୟାନ ଅନୁଯାୟୀ ଏହିଦିନ ରଘୁକୁଳତିଳକ ମର୍ଯ୍ୟାଦାପୁରୁଷୋ□ମ ଶ୍ରୀରାମଚନ୍ଦ୍ର ଅଧର୍ମ ଉପରେ ଧର୍ମର ବିଜୟ ପ୍ରାପ୍ତି କରି ଫେରି ଆସିଥିଲେ ଅଯୋଧ୍ୟା ପୁରୀକୁ। ଅଯୋଧ୍ୟାବାସୀ ନିଜ ରାଜାକୁ ସ୍ୱାଗତ କରିବା ପାଇଁ ସାରା ରାଜ୍ୟରେ ଦୀପ ପ୍ରଜ୍ୱଳନ କରି ଆନନ୍ଦ ଉଲ୍ଲାସରେ ସ୍ୱାଗତ କରିଥିଲେ ଶ୍ରୀରାମଚନ୍ଦ୍ରଙ୍କୁ। ସେହିପରି, ଯେତେବେଳେ ଭଗବାନ୍ ବିଷ୍ଣୁ ବାମନ ଅବତାରରେ ନିଜ ପାଦରେ ବଳିରାଜାଙ୍କୁ ପାତାଳକୁ ଠେଲିଦେଲେ ସେଦିନ ବଳିରାଜା ନିଜ ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ପାଇଁ ଗୋଟିଏ ଦିନ ସମୟ ମାଗିଥିଲେ। ତେଣୁ ବିଶ୍ୱାସ ରହିଛି ପ୍ରତିବର୍ଷ ଦୀପାବଳି ଦିନ ବଳିରାଜା ମ□୍ୟକୁ ଆଗମନ କରନ୍ତି ଓ ମ□୍ୟବାସୀ ଦୀପ ଜାଳି ରାଜାଙ୍କୁ ସ୍ୱାଗତ ଜଣାଇଥାଆନ୍ତି। ଅନ୍ୟ ଏକ ପୌରାଣିକ ମତବାଦ ଅନୁଯାୟୀ ଏହିଦିନ ନାରକାସୁରକୁ ଶ୍ରୀକୃଷ୍ଣ ବଧ କରିଥିଲେ। ତେଣୁ ଧର୍ମର ବିଜୟ ଓ ଅଧର୍ମର ବିନାଶ ଉଦ୍ଦେଶ୍ୟରେ ଏହି ଦିବସରେ ଜ୍ୟୋତି ପ୍ରଜ୍ୱଳନ କରାଯାଇଥାଏ। କେହି କେହି କୁହନ୍ତି ଏହିଦିନ ମାତା ଲକ୍ଷ୍ମୀ ତୈଳ ମଧ୍ୟରେ ଓ ଗଙ୍ଗାଜଳରେ ରହିଥାନ୍ତି। ଜୈନ ଧର୍ମାବଲମ୍ବୀମାନେ କୁହନ୍ତି, ଏହିଦିନ ମହାବୀର ଜୈନ ନିର୍ବାଣ ପ୍ରାପ୍ତ ହୋଇଥିଲେ। ତେଣୁ ଜୈନମାନେ ମହାବୀରଙ୍କ ସ୍ମୃତିକୁ ମନେ ପକାଇ ପ୍ରଦୀପ ପ୍ରଜ୍ୱଳନ କରିଥାନ୍ତି ।ସାହିତ୍ୟ ଦର୍ପଣକାର ପଣ୍ଡିତ ବିଶ୍ୱନାଥ କବିରାଜ ଯଥାର୍ଥରେ କହିଥିଲେ - କଳିଙ୍ଗାଃ ସାହସିକାଃ। ଐର ସମ୍ରାଟ ଖାରବେଳଙ୍କ ସମୟରେ ଆଗଙ୍ଗା ଗୋଦାବରୀ ପରିବ୍ୟାପ୍ତ କଳିଙ୍ଗ ରାଜ୍ୟ ଥିଲା ସବୁ କ୍ଷେତ୍ରରେ ସମୃଦ୍ଧ। ପ୍ରାଚୀନ କାଳରେ ସାଧବପୁଅ ପାଲଟଣା ବୋଇତରେ, ତେର ନଈ, ସାତ ସମୁଦ୍ର ଡେଇଁ ବାଣିଜ୍ୟ କାରବାର ସାରି ଏହି ସମୟରେ ସ୍ୱଗୃହକୁ ପ୍ରତ୍ୟାବ□ନ କରୁଥିବା ସ୍ମୃତିରେ ଓଡ଼ିଶାର ପ୍ରତ୍ୟେକ ଗୃହରେ ପ୍ରଦୀପ ଲଗାଯାଉଥିଲା। ଅନ୍ୟ ଏକ ମତବାଦ ଅନୁଯାୟୀ ମହାଳୟା ଦିବସରେ ପିତୃପୁରୁଷ ଅନ୍ଧକାରରେ ପିଣ୍ଡଗ୍ରହଣ ଉଦ୍ଦେଶ୍ୟରେ ମ□୍ୟଲୋକ ଆସିଥାନ୍ତି ଏବଂ ଦୀପାବଳି ଦିନ ଫେରିଯାଆନ୍ତି। ତାଙ୍କରି ଯିବାପଥକୁ ଆଲୋକିତ କରିବା ପାଇଁ ପୃଥିବୀବାସୀ ପ୍ରଦୀପ ଜାଳି ତାଙ୍କୁ ବିଦାୟ ଦିଅନ୍ତି। ଦୀପ ଓ କାଉଁରିଆ କାଠି ଜଳାଇବା ସମୟରେ ସମସ୍ତଙ୍କ ମୁଖରୁ ସ୍ୱତଃ ଝରିଆସେ "ବଡ଼ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ... ଗଙ୍ଗା ଯାଅ, ଗୟା ଯାଅ, ବାଇଶି ପାହାଚେ ଗଡ଼ଗଡ଼ାଉଥାଅ, ଅମୃତ ଦୃଷ୍ଟିରେ ଚାହିଁଥାଅ।" କେହି କେହି ମତ ଦିଅନ୍ତି ଧନର ଦେବୀ ଶ୍ରୀଲକ୍ଷ୍ମୀ ଏହି ରାତ୍ରିରେ



ଭ୍ରମଣ କରି ଭକ୍ତମାନଙ୍କ ଗୃହରେ ପ୍ରବେଶ କରନ୍ତି ଓ ସେମାନଙ୍କୁ ଧନଧାନ୍ୟରେ ଭରପୂର କରିଥାଆନ୍ତି। ସେଥିପାଇଁ ଦୀପ ଜଳାଇ 'ମାଆ'ଙ୍କୁ ଆବାହନ କରାଯାଏ।ଏହିପରି ଭାବରେ କା□କ ଅମାବାସ୍ୟାକୁ ଭାରତବର୍ଷର ପ୍ରତି ଘରେ ଘରେ ଆନନ୍ଦ ଉଲ୍ଲାସରେ ଦୀପାବଳି ପର୍ବ ରୂପେ ପାଳନ କରାହୋଇଆସୁଛି। ଏଥିପାଇଁ ରଙ୍ଗବେରଙ୍ଗର ଦୀପମାଳାରେ ଘରକୁ ପ୍ରଜ୍ୱଳିତ କରାଯାଏ। ଘର ବାହାର ଚାରିଆଡ଼େ ସଫାସୁତୁରା କରାଯାଏ। ପ୍ରାୟତଃ ସମସ୍ତେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ବ୍ୟବସାୟୀମାନେ ଏହି ଶୁଭଦିନଟିକୁ ନୂଆବର୍ଷ ରୂପେ ପାଳନ କରି ପୁରୁଣା ହିସାବ ଚୁକ୍ତ କରି ନୂଆ ଖାତା ଖୋଲନ୍ତି ।ଏହି ପର୍ବର ପଛରେ ଥିବା ଆଧ୍ୟାତ୍ମିକ ରହସ୍ୟକୁ ହିଁ ଆଜି ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ଭଲ ଭାବରେ ବୁଝିବା ଉଚିତ। ଅମାବାସ୍ୟାର ଅନ୍ଧକାରମୟ ରାତ୍ରି ହେଲା ଅଜ୍ଞାନତାର ପ୍ରତୀକ। ଅର୍ଥାତ୍ ସାରା ବିଶ୍ୱକୁ ଆଜି ଅଜ୍ଞାନ ଅନ୍ଧାର ଘେରି ରହିଛି। କୁହାଯାଏ -ସଂସାର ସିନ୍ଧୁରୂପେଣ ମୀନରୂପେଣ ମାନବାଃଜଞ୍ଜାଳ ଜାଲରୂପେଣ କାଳରୂପେଣ ଧୀବରାଃ। ସଂସାର ରୂପକ ସିନ୍ଧୁକୁ ଅତିକ୍ରମ କରିବାକୁ ହେଲେ ମୀନରୂପୀ ମାନବକୁ ପ୍ରଥମେ ଜଞ୍ଜାଳରୂପୀ ମାୟାଜାଲକୁ କାଟିବାକୁ ପଡ଼ିବ ଏବଂ କାଳରୂପୀ ଧୀବରଠାରୁ ମୁକ୍ତ ହେବାକୁ ହେବ ।ମାଟିର ଦୀପ ହେଲା ପ□ତ□ରେ ଗଢ଼ା ଆମ ଶରୀରର ପ୍ରତୀକ ଏବଂ ତା' ମଧ୍ୟରେ ଜଳୁଥିବା ଦୀପଶିଖା ଜର ଅମର, ଅବିନାଶୀ ଆତ୍ମାର ପ୍ରତୀକ। ତେଣୁ ଅଜ୍ଞାନ ଅନ୍ଧକାରକୁ ଦୂର କରିବାକୁ ହେଲେ ଆତ୍ମଜ୍ୟୋତିକୁ ଜାଗ୍ରତ କରିବା ନିତାନ୍ତ ଆବଶ୍ୟକ। ଏହି ଅଜ୍ଞାନରୂପୀ ଅନ୍ଧାର ହେଲା ମନୁଷ୍ୟ ଭିତରେ ଛପି ରହିଥିବା କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର, ଈର୍ଷା, ଆଳସ୍ୟ ଇତ୍ୟାଦି ବିକାରଗୁଡ଼ିକ। ଏ ଗୁଡ଼ିକ ଦୂର କରିବାକୁ ହେଲେ ପରମଜ୍ୟୋତିରେ ଆତ୍ମଜ୍ୟୋତିକୁ ଉଦ୍‌ଭାସିତ କରିବାକୁ ହୁଏ। ଜ୍ଞାନର ଆଲୋକ ହିଁ ଏ ସୃଷ୍ଟିର ଶ୍ରେଷ୍ଠ ଆଲୋକ। ଜ୍ଞାନ ମାଧ୍ୟମରେ ଜଣେ 'ନିଜ'ର ପରିଚୟ ପାଇ ପରମାତ୍ମାଙ୍କର ପରିଚୟ ପାଇବାକୁ ସମର୍ଥ ହୋଇପାରିଥାଏ ।ଏ ସମ୍ପର୍କରେ ରାମାୟଣରୁ ପଢ଼ିଥିବା ଏକ କାହାଣୀ ଏଠାରେ ଉପସ୍ଥାପନ କରୁଛି। ଶ୍ରୀରାମଚନ୍ଦ୍ରଙ୍କ ଚଉଦବର୍ଷ ବନବାସ ସମୟର କଥା। ପ□ବଟି ଆଶ୍ରମର ଏକ ଜ୍ୟୋତ୍ସ୍ନାବିଧୌତ ରଜନୀ। ଶ୍ରୀରାମ ଆଶ୍ରମ ନିକଟରେ ଏକ ପ୍ରସ୍ତରଖଣ୍ଡ ଉପରେ ଉପବେସନ କରିଛନ୍ତି। ପ୍ରିୟ ଅଯୋଧ୍ୟାର କଥା, ଦଶରଥଙ୍କର କଥା ମାନସପଟରେ ଉଙ୍କି ମାରୁଛି। ହଠାତ୍ ପାଖରେ ଥିବା ବଣ ବୁଦା ଭିତରୁ ଖସ୍‌ଖସ୍ ଶବ୍ଦ ଶୁଣି ଚମ୍‌କି ପଡ଼ି କିଏ କିଏ ବୋଲି ପାଟି କରନ୍ତେ ଜଗୁଆଳ ହୋଇ ପହରା ଦେଉଥିବା ଧନୁର୍ଦ୍ଧାରୀ ବୀର ଲକ୍ଷ୍ମଣ ସେଠାରୁ କ୍ଷୀପ୍ର ଗତିରେ ବାହାରି ଆସି ଅଗ୍ରଜଙ୍କୁ ଦଣ୍ଡବତ ହେଲେ। ଭ୍ରାତୃପ୍ରେମରେ ଭରପୁର ହୋଇଗଲା ଶ୍ରୀରାମଙ୍କ ହୃଦୟ। ଭାବିଲେ, "ଆହା, ବିମାତାର ପୁତ୍ର ହୋଇବି, ଭାଇ ଲକ୍ଷ୍ମଣର ମୋ ପାଇଁ ତ୍ୟାଗ ଅତୁଳନୀୟ।" ହଠାତ୍ ଶ୍ରୀରାମ ଭାବବିହ୍ୱଳ ହୋଇ କେତୋଟି ପ୍ରଶ୍ନ ଲକ୍ଷ୍ମଣଙ୍କୁ ପଚାରିଲେ ଏବଂ ଅବିଳମ୍ବେ ନିଜେ ନିଜେ ଉ□ର ଦେଲେ। ପ୍ରଶ୍ନ ଗୁଡ଼ିକ ହେଲା – ବଡ଼ ଆଶ୍ଚର୍ଯ୍ୟର କଥା - ଏ ଦୁଇଜଣଙ୍କର କଥୋପକଥନକୁ ଆଶ୍ରମର ଦ୍ୱାରଦେଶରେ ଥାଇ ଶୁଣି ପାରିଥିବା ଜନକନନ୍ଦିନୀ ସୀତାଦେବୀ କହିଲେ – ମୁଁ ତୁମ ଦୁଇଜଣଙ୍କ କଥାରେ ଏକମତ ନୁହେଁ। କାରଣ ରାତି ପାହିଲେ ଶ୍ରୀରାମଚନ୍ଦ୍ର ରାଜା ହୋଇଥାଆନ୍ତେ, କିନ୍ତୁ ଚଉଦ ବର୍ଷ ବନବାସ କରିବାକୁ ପଡ଼ିଲା। ତେଣୁ 'କର୍ମଫଳ' ହିଁ ଶ୍ରେଷ୍ଠ ଫଳ ଅଟେ। ରସ ଭିତରେ ଶ୍ରେଷ୍ଠ 'ରାମରସ' ଅଟେ। ବଳ ଭିତରେ ଶ୍ରେଷ୍ଠ 'ଦୈବବଳ' ଅଟେ। ସେଥିପାଇଁ କୁହାଯାଏ 'ନାସ୍ତି ଦୈବାତ୍ ପରଂ ବଳମ୍'। ପରିଶେଷରେ ଆଲୋକ ଜହ୍ନର ଆଲୋକ ନୁହେଁ କି ନିଜ ନୟନର ଜ୍ୟୋତି ନୁହେଁ, ଆତ୍ମଜ୍ୟୋତି ରୂପକ ଜ୍ଞାନଜ୍ୟୋତି ବା ଜ୍ଞାନର ଆଲୋକ ହିଁ ଶ୍ରେଷ୍ଠ ଆଲୋକ ଅଟେ। ଦୁଇ ଭ୍ରାତା ମାତା ସୀତାଙ୍କର ଉକ୍ତିକୁ ହସି ହସି ସାଦରେ ସମର୍ଥନ କଲେ ।ତେଣୁ ଦୀପାବଳୀ ଆଲୋକର ପର୍ବ, ଆତ୍ମଜାଗରଣର ପର୍ବ, ଆନନ୍ଦ ଉଲ୍ଲାସର ପର୍ବ। ଏହା ଫୁଲଝରୀ, ବାଢ଼ିଆ ଫୋଟକା, ଆତସବାଜୀ ଆଦି ବାଣର ପର୍ବ ନୁହେଁ। ଏହା ଆତ୍ମଜ୍ୟୋତିକୁ ପ୍ରଜ୍ୱଳିତ କରି ପରମଜ୍ୟୋତି ସହ ମିଶାଇଦେବାର ଏକ ମହାମିଳନର ପର୍ବ।

**ଡ଼ ପ୍ରତିଭା ମହାରଥୀ**

# କେଉଁ ଅଙ୍ଗ ପାଇଁ କେଉଁ ଖାଦ୍ୟ

ମଣିଷର ବିଭିନ୍ନ ଅଙ୍ଗ-ପ୍ରତ୍ୟଙ୍ଗକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ତଥା ସୁସ୍ଥ ରଖିବା ନିମନ୍ତେ ଅଲଗା ଅଲଗା ଖାଦ୍ୟ ଗ୍ରହଣ କରାଯାଇପାରେ । କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ନିର୍ଦ୍ଦିଷ୍ଟ ଅଙ୍ଗକୁ ପ୍ରଭାବିତ କରିପାରେ । ଯେପରିକି - ୱାଲ୍‌ନଟ : ଏହା ମସ୍ତିଷ୍କ ପାଇଁ ଉପାଦେୟ । ଏଥିରେ ରହିଛି ଓମେଗା-୩ ତୈଳଯୁକ୍ତ ଅମ୍ଳ । ଏହା ମଗଜରେ ଥିବା କୋଷଗୁଡ଼ିକୁ ସକ୍ରିୟ ରଖିବାରେ ସହାୟକ ହୋଇଥାଏ । ସେମାନେ ପରସ୍ପର ସହ ଉପଯୁକ୍ତ ଯୋଗାଯୋଗ ରକ୍ଷା କରିପାରନ୍ତି । ଏହାଦ୍ୱାରା ସ୍ନାୟୁବିକ ସ୍ୱାସ୍ଥ୍ୟ ଭଲରୁହେ । ସ୍ମୃତି ଶକ୍ତି ବଢ଼ିଥାଏ ।ଗାଜର : ଏହା ବିଟା-କାରୋଟିନ୍‌ରେ ଭରପୂର । ଶରୀର ମଧ୍ୟରେ ଏହା ଜୀବସାର-'କ' କୁ ରୂପାନ୍ତରିତ ହୋଇଥାଏ । ଚକ୍ଷୁର ସ୍ୱଚ୍ଛପଟଳରେ ଥିବା କୋଷଗୁଡିକୁ ଏହା ସୁରକ୍ଷିତ ରଖିଥାଏ । ଏହା ଦୃଷ୍ଟିଶକ୍ତି ବୃଦ୍ଧିକାରୀ । ଧୂଳି-ଧୂଆଁ, ଜ୍ୱଳନ ତଥା ଜୀବାଣୁ ସଂକ୍ରମଣରୁ ଏହା ଆଖିକୁ ରକ୍ଷା କରିପାରେ । ଅଙ୍ଗୁର : ଗାଢ଼ ରଙ୍ଗର ସମସ୍ତ ଅଙ୍ଗୁରରେ ଫ୍ଲାଭୋନଏଡ୍ ବିଦ୍ୟମାନ । ଏହା ବିଭିନ୍ନ ପ୍ରକାରର ହୃଦ୍‌ରୋଗ, କର୍କଟ ଆଦିରୁ ରକ୍ଷାକରେ । ରକ୍ତଚାପକୁ ନିୟନ୍ତ୍ରିତ କରିପାରେ । ପୁଣି ମସ୍ତିଷ୍କର ବାର୍ଦ୍ଧକ୍ୟ-ପ୍ରକ୍ରିୟାକୁ କିଛି ପରିମାଣରେ ପ୍ରଭାବିତ କରିପାରେ ।ତରଭୁଜ ଓ କମଳା : ଏହି ଦୁଇଟି ଫଳ ଉଭୟ ସ୍ତ୍ରୀ ପୁରୁଷଙ୍କ ବକ୍ଷଦେଶ ପାଇଁ ଅତ୍ୟନ୍ତ ହିତକାରୀ । ଏଥିରେ ଜୀବସାର 'ଗ'ର ଉପସ୍ଥିତି ଅଜଣା ନୁହେଁ । ପ୍ରାକୃତିକ ଉତ୍ସରୁ ମିଳୁଥିବା ଏହି ଜୀବସାର ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ପ୍ରତିରୋଧ କରିଥାଏ ।ଅମୃତଭଣ୍ଡା : ପାଚିଲା ହେଉ କି କଞ୍ଚା; ଅମୃତଭଣ୍ଡା ହଜମ ଶକ୍ତି ବୃଦ୍ଧିକାରକ । ସକାଳେ ଏବଂ ସନ୍ଧ୍ୟାରେ ନିୟମିତ ଭାବେ ଏହାକୁ ଖାଦ୍ୟରେ ଗ୍ରହଣ କଲେ ଯାବତୀୟ ପେଟ-ବେମାରିରୁ ମୁକ୍ତି ମିଳିଥାଏ ।କନ୍ଦମୂଳ : ଏହା ଅଗ୍ନ୍ୟାଶୟର କାର୍ଯ୍ୟକ୍ଷମତା ବଜାୟ ରଖିବା ଲାଗି ବେଶ୍ ଉପଯୋଗୀ । ଏହା ଶର୍କରା ଯୋଗାଉଥିବାରୁ ଅଗ୍ନ୍ୟାଶୟକୁ ଥକିବାକୁ ଦିଏନାହିଁ । ପୁଣି ରକ୍ତରେ ଶର୍କରାକୁ ନିୟନ୍ତ୍ରିତ କରିଥାଏ । ଲିଭ୍ : ମହିଳାଙ୍କ ପାଇଁ ଏହାକୁ ଏକ ମହୌଷଧୀ କୁହାଯାଇପାରେ । ଯେଉଁ ମହିଳାମାନେ ନିୟମିତ



ଭାବେ ଖାଦ୍ୟରେ ଅଲିଭ୍ ତେଲ ବ୍ୟବହାର କରନ୍ତି, ସେମାନଙ୍କୁ ଡିମ୍ବାଶୟ କର୍କଟ ହେବାର ଆଶଙ୍କା ପ୍ରାୟ ନାହିଁ । ତା'ଛଡ଼ା ଅନ୍ୟ ଖାଦ୍ୟ ଉପଯୋଗୀ ତେଲ ତୁଳନାରେ ଏହା କମ୍ କ୍ଷତିକାରକ ।ସମସ୍ତ ଖାଦ୍ୟଦ୍ରବ୍ୟକୁ ଭଲ ଭାବେ ପରିଷ୍କାର କରି ଖାଆନ୍ତୁ। ଏହା ଯେପରି କଞ୍ଚା ନଥିବ ବା ଅତ୍ୟଧିକ ପାଚିଲା ହୋଇନଥିବା ସେ ଦିଗକୁ ଦେଖନ୍ତୁ। କାରଣ ଏହା ହଜମ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିଥାଏ। ବିଶେଷକରି ଫଳ ଖାଉଥିଲେ ତୁରନ୍ତ ପାଣି ପିଅନ୍ତୁ ନାହିଁ ଏବଂ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ଫଳ ଖାଆନ୍ତୁ। ଏକ ଉତ୍ତମ ଶରୀର ପାଇଁ ଆପଣଙ୍କ ଆଧ୍ୟାତ୍ମିକ ରୁଟିନ ବନ୍ଧା ଜୀବନ ଅତ୍ୟନ୍ତ ଉପାଦେୟ। ମଣିଷର ବିଭିନ୍ନ ଅଙ୍ଗ-ପ୍ରତ୍ୟଙ୍ଗକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ତଥା ସୁସ୍ଥ ରଖିବା ନିମନ୍ତେ ଅଲଗା ଅଲଗା ଖାଦ୍ୟ ଗ୍ରହଣ କରାଯାଇପାରେ । କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ନିର୍ଦ୍ଦିଷ୍ଟ ଅଙ୍ଗକୁ ପ୍ରଭାବିତ କରିପାରେ । ଯେପରିକି - ୱାଲ୍‌ନଟ : ଏହା ମସ୍ତିଷ୍କ ପାଇଁ ଉପାଦେୟ । ଏଥିରେ ରହିଛି ଓମେଗା-୩ ତୈଳଯୁକ୍ତ ଅମ୍ଳ । ଏହା ମଗଜରେ ଥିବା କୋଷଗୁଡ଼ିକୁ ସକ୍ରିୟ ରଖିବାରେ ସହାୟକ ହୋଇଥାଏ । ସେମାନେ ପରସ୍ପର ସହ ଉପଯୁକ୍ତ ଯୋଗାଯୋଗ ରକ୍ଷା କରିପାରନ୍ତି । ଏହାଦ୍ୱାରା ସ୍ନାୟୁବିକ ସ୍ୱାସ୍ଥ୍ୟ ଭଲରୁହେ । ସ୍ମୃତି ଶକ୍ତି ବଢ଼ିଥାଏ ।ଗାଜର : ଏହା ବିଟା-କାରୋଟିନ୍‌ରେ ଭରପୂର । ଶରୀର ମଧ୍ୟରେ ଏହା ଜୀବସାର- 'କ' କୁ ରୂପାନ୍ତରିତ ହୋଇଥାଏ । ଚକ୍ଷୁର ସ୍ୱଚ୍ଛପଟଳରେ ଥିବା କୋଷଗୁଡିକୁ ଏହା ସୁରକ୍ଷିତ ରଖିଥାଏ । ଏହା ଦୃଷ୍ଟିଶକ୍ତି ବୃଦ୍ଧିକାରୀ । ଧୂଳି-ଧୂଆଁ, ଜ୍ୱଳନ ତଥା ଜୀବାଣୁ ସଂକ୍ରମଣରୁ ଏହା ଆଖିକୁ ରକ୍ଷା କରିପାରେ । ଅଙ୍ଗୁର : ଗାଢ଼ ରଙ୍ଗର ସମସ୍ତ ଅଙ୍ଗୁରରେ ଫ୍ଲାଭୋନଏଡ୍ ବିଦ୍ୟମାନ । ଏହା ବିଭିନ୍ନ ପ୍ରକାରର ହୃଦ୍‌ରୋଗ, କର୍କଟ ଆଦିରୁ ରକ୍ଷାକରେ । ରକ୍ତଚାପକୁ ନିୟନ୍ତ୍ରିତ କରିପାରେ । ପୁଣି ମସ୍ତିଷ୍କର ବାର୍ଦ୍ଧକ୍ୟ-ପ୍ରକ୍ରିୟାକୁ କିଛି ପରିମାଣରେ ପ୍ରଭାବିତ କରିପାରେ ।ତରଭୁଜ ଓ କମଳା : ଏହି ଦୁଇଟି ଫଳ ଉଭୟ ସ୍ତ୍ରୀ ପୁରୁଷଙ୍କ ବକ୍ଷଦେଶ ପାଇଁ ଅତ୍ୟନ୍ତ ହିତକାରୀ । ଏଥିରେ ଜୀବସାର 'ଗ'ର ଉପସ୍ଥିତି ଅଜଣା ନୁହେଁ । ପ୍ରାକୃତିକ ଉତ୍ସରୁ ମିଳୁଥିବା ଏହି ଜୀବସାର ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ପ୍ରତିରୋଧ କରିଥାଏ ।ଅମୃତଭଣ୍ଡା : ପାଚିଲା ହେଉ କି କଞ୍ଚା; ଅମୃତଭଣ୍ଡା ହଜମ ଶକ୍ତି ବୃଦ୍ଧିକାରକ । ସକାଳେ ଏବଂ ସନ୍ଧ୍ୟାରେ ନିୟମିତ ଭାବେ ଏହାକୁ ଖାଦ୍ୟରେ ଗ୍ରହଣ କଲେ ଯାବତୀୟ ପେଟ-ବେମାରିରୁ ମୁକ୍ତି ମିଳିଥାଏ ।କନ୍ଦମୂଳ : ଏହା ଅଗ୍ନ୍ୟାଶୟର କାର୍ଯ୍ୟକ୍ଷମତା ବଜାୟ ରଖିବା ଲାଗି ବେଶ୍ ଉପଯୋଗୀ । ଏହା ଶର୍କରା ଯୋଗାଉଥିବାରୁ ଅଗ୍ନ୍ୟାଶୟକୁ ଥକିବାକୁ ଦିଏନାହିଁ । ପୁଣି ରକ୍ତରେ ଶର୍କରାକୁ ନିୟନ୍ତ୍ରିତ କରିଥାଏ । ଲିଭ୍ : ମହିଳାଙ୍କ ପାଇଁ ଏହାକୁ ଏକ ମହୌଷଧୀ କୁହାଯାଇପାରେ । ଯେଉଁ ମହିଳାମାନେ ନିୟମିତ ଭାବେ ଖାଦ୍ୟରେ ଅଲିଭ୍ ତେଲ ବ୍ୟବହାର କରନ୍ତି, ସେମାନଙ୍କୁ ଡିମ୍ବାଶୟ କର୍କଟ ହେବାର ଆଶଙ୍କା ପ୍ରାୟ ନାହିଁ । ତା'ଛଡ଼ା ଅନ୍ୟ ଖାଦ୍ୟ ଉପଯୋଗୀ ତେଲ ତୁଳନାରେ ଏହା କମ୍ କ୍ଷତିକାରକ ।ସମସ୍ତ ଖାଦ୍ୟଦ୍ରବ୍ୟକୁ ଭଲ ଭାବେ ପରିଷ୍କାର କରି ଖାଆନ୍ତୁ। ଏହା ଯେପରି କଞ୍ଚା ନଥିବ ବା ଅତ୍ୟଧିକ ପାଚିଲା ହୋଇନଥିବା ସେ ଦିଗକୁ ଦେଖନ୍ତୁ। କାରଣ ଏହା ହଜମ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିଥାଏ। ବିଶେଷକରି ଫଳ ଖାଉଥିଲେ ତୁରନ୍ତ ପାଣି ପିଅନ୍ତୁ ନାହିଁ ଏବଂ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ଫଳ ଖାଆନ୍ତୁ। ଏକ ଉତ୍ତମ ଶରୀର ପାଇଁ ଆପଣଙ୍କ ଆଧ୍ୟାତ୍ମିକ ରୁଟିନ ବନ୍ଧା ଜୀବନ ଅତ୍ୟନ୍ତ ଉପାଦେୟ।

ଡାକ୍ତର ଦିଲ୍ଲୀପ କୁମାର ମହାରଣା



# ଫିଲ୍ମ 'ଟ୍ରାଏଲ୍ ପିରିଅଡ୍'ର ସୁଟିଂ ଆରମ୍ଭ କଲେ ଜେନେଲିଆ

ବଲି ନାୟିକା ଜେନେଲିଆ ଡି'ସୁଜାଙ୍କୁ ନେଇ ଏବେ ଖୁବ୍ ଚର୍ଚ୍ଚା । ଫିଲ୍ମ 'ମିଷ୍ଟ ମମ୍ମି'ର ସୁଟିଂ ଶେଷ କରିବା ପରେ ନୂଆ ପ୍ରୋଜେକ୍ଟରେ ସେ କାମ ଆରମ୍ଭ କରିଛନ୍ତି । ଫିଲ୍ମର ଟାଇଟଲ୍ 'ଟ୍ରାଏଲ୍ ପିରିଅଡ୍' । ଜେନେଲିଆ ନିଜ ଇନ୍ଷ୍ଟାଗ୍ରାମ୍ ଷ୍ଟୋରୀରେ ଏ ବିଷୟରେ ଫ୍ୟାନ୍ ଓ ଫଲୋଅର୍ସଙ୍କୁ ସୂଚନା ଦେଇଛନ୍ତି । ଫିଲ୍ମ ସେଟ୍‌କୁ ଯିବା ରାସ୍ତାରେ ସେ କାରରେ ଥାଇ ଏକ ଭିଡିଓ ଶେୟାର କରିଛନ୍ତି । ଭିଡିଓ ସହିତ ସେ ଏକ ବାର୍ତ୍ତା ଲେଖିଛନ୍ତି । ଏହି ଲେଖା ମାଧ୍ୟମରେ ଏ ବର୍ଷର ଚତୁର୍ଥ ପ୍ରୋଜେକ୍ଟର ସୁଟିଂକୁ ନେଇ ସେ ନିଜର ଉତ୍ସାହ ବର୍ଣ୍ଣନା କରିଛନ୍ତି । ଲେଖିଛନ୍ତି 'ଆଉ ଏକ ନୂଆ ଆରମ୍ଭର ମାର୍ଗରେ... ନୂଆ ଫିଲ୍ମ 'ଟ୍ରାଏଲ୍ ପିରିଅଡ୍'। ଏଇଟି ମୋର ଏ ବର୍ଷର ୪ର୍ଥ ପ୍ରୋଜେକ୍ଟ। ବହୁତ ସୁନ୍ଦର ଅନୁଭବ।' 'ଟ୍ରାଏଲ୍ ପିରିଅଡ୍'ର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଆଲେୟା ସେନ୍। ଜେନେଲିଆଙ୍କ ସହ ମାନବ କୌଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ପାରମ୍ପରିକ ପୋଷାକରେ ଫ୍ୟାନ୍‌ଙ୍କୁ ଆକର୍ଷିତ କରିବାରେ ଜେନେଲିଆ କେବେ ଫେଲ୍ ହୋଇନାହାନ୍ତି। ନିକଟରେ ଏକ ପାରମ୍ପରିକ ଲେହେଙ୍ଗା ଚୋଲିରେ ସେ ଫ୍ୟାନ୍‌ଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି । ଫିଲ୍ମ ଦୁନିଆରେ ପୁଣି ଥରେ ସକ୍ରିୟ ହେଉଥିବା ଜେନେଲିଆ ନିଜ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ଜରିଆରେ ଫ୍ୟାନ୍‌ଙ୍କୁ ବାନ୍ଧି ରଖିବାକୁ ପ୍ରୟାସ ଚଳାଇଛନ୍ତି।



# ଜେଲ୍‌ରେ ୭୮ ରାଣୀଙ୍କ ରାଜା

ଜଣେ ଲୋକର ଗୋଟାଏ କିମ୍ବା ଦୁଇଟି ପତ୍ନୀ ଥିବା କଥା ଆପଣ ଶୁଣିଥିବେ। ମାତ୍ର ଜଣେ ବ୍ୟକ୍ତିଙ୍କ ୭୮ ପତ୍ନୀ କଥା କେବେ ଶୁଣିନଥିବେ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟି ସତ। ଏପରିକି ତାଙ୍କ ପତ୍ନୀଙ୍କ ମଧ୍ୟରେ ୧୨ ବର୍ଷୀୟା ନାବାଳିକା ମଧ୍ୟ ରହିଛନ୍ତି। ନାବାଳିକାଙ୍କୁ ଯୌନ ଶୋଷଣ ଅଭିଯୋଗରେ ବ୍ୟକ୍ତି ଜଣକ ଏବେ ଜେଲ୍ ଦଣ୍ଡ ଭୋଗୁଛନ୍ତି। ଏବେ ସେହି ବ୍ୟକ୍ତିଙ୍କ ନାଁରେ ନେଟ୍‌ଫ୍ଲିକ୍ସରେ ଏକ ଡକ୍ୟୁମେଣ୍ଟାରି ରିଲିଜ୍ ବ୍ୟବସ୍ଥା କରାଯାଉଛି। ଏହି ଡକ୍ୟୁମେଣ୍ଟାରିରେ ତାଙ୍କର ସବୁ କଳାକାରନାମାର ଖୁଲାସା କରାଯିବ। ଏହି ବ୍ୟକ୍ତିଙ୍କ ନାମ ୱାରେନ୍ ଜେଫ୍‌ସ। ୬୬ ବର୍ଷୀୟ ୱାରେନ୍ ନାବାଳିକାଙ୍କୁ ଯୌନ ଶୋଷଣ କରିଥିବାରୁ ଏବେ ଜେଲ୍‌ରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ଗୋଟିଏ ସମୟରେ ସେ ଜଣେ ଭଲ ଭବିଷ୍ୟକାର ଭାବେ ଲୋକପ୍ରିୟ ଥିଲେ। କେହି କେହି ତାଙ୍କୁ ଜଣେ ଭଲ ଭବିଷ୍ୟକର୍ତ୍ତା ଭାବେ ସମ୍ମାନ ଦେଉଥିବା ବେଳେ ଆଉ କେହି ଦେବଦୂତ ବୋଲି ମାନୁଥିଲେ। ସେ ନିଜକୁ ନିଜେ ଈଶ୍ୱରଙ୍କ ଭକ୍ତ ବୋଲି କହୁଥିଲେ। ନବେ ଦଶକରେ ତାଙ୍କର ପ୍ରାୟ ୧୦,୦୦୦ ଅନୁଗାମୀ ଥିଲେ। ତାଙ୍କ ଫାର୍ମ ହାଉସ୍‌ରେ ପ୍ରାୟ ୫୦୦ ମହିଳା ଓ ଶିଶୁ ରହୁଥିଲେ। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ବିବାହ କରିଥିବା ବେଳେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ବି ବିବାହ କରିଥିଲେ। ସେହି ବିବାହକୁ ସେ 'ଆଧ୍ୟାତ୍ମିକ ବିବାହ'ର ନାମ ଦେଇଥିଲେ। ସେ ଜଣେ କି ଦୁଇ ଜଣ ନୁହଁ ଅନେକ ନାବାଳିକାଙ୍କ ଶୋଷଣ କରିଥିବା ଅଭିଯୋଗ ରହିଛି।

# ଜୀବନଶୈଳୀ ଯୋଗୁ ହ୍ରାସ ପାଉଛି ଦୃଷ୍ଟି ଶକ୍ତି



ଏବେ ଦେଶରେ ଅଧିକାଂଶ ଅଭିଯୋଗ ଲୋକଙ୍କ ଦୃଷ୍ଟି ଶକ୍ତି ହ୍ରାସକୁ ନେଇ ଆସୁଛି । ଆଉ ଏହାର ମୁଖ୍ୟ କାରଣ ହେଉଛି ଖରାପ ଜୀବନଶୈଳୀ । ଅଧିକାଂଶ ଲୋକ କମ୍ପ୍ୟୁଟର ଆଗରେ ବସି ଦିନକୁ ୮ ରୁ ୧୦ ଘ[। ବିତାନ୍ତି । ଏହା ବ୍ୟତୀତ, ଆଖି ଉପରେ କ୍ରମାଗତ ଭାବେ ପ୍ରଭାବ ସେତେବେଳେ ପଡେ, ଯେତେବେଳେ ଆପଣ ଅତ୍ୟଧିକମାତ୍ରାରେ ମୋବାଇଲର ବ୍ୟବହାର କରନ୍ତି । ଏହାସହ କମ୍ ଆଲୋକରେ କାମ କରିବା, ଆଖିର ଯତ୍ନ ନ ନେବା, ଉପଯୁକ୍ତ ଖାଦ୍ୟ ଗ୍ରହଣ ନକରିବା ହେତୁ ଆଖି ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗେ ଏବଂ ତା'ପରେ ଆଖିର ଦୃଷ୍ଟି ଶକ୍ତି କମିବା ଆରମ୍ଭ କରେ । ବିଶେଷଜ୍ଞମାନେ କହିଛନ୍ତି ଯେ, ବୟସ ବଢିବା ସହିତ ଆମର ଦୃଷ୍ଟି ଶକ୍ତି ଦୁର୍ବଳ ହୋଇଯାଏ । ଏହାସହ ଖାଦ୍ୟପାନୀୟ ଠିକ୍ ନ ରହିଲେ ମଧ୍ୟ ଦୃଷ୍ଟି ଶକ୍ତି ଶୀଘ୍ର କମିବା ଆରମ୍ଭ କରେ । ଆଉ ଜଣେ ବିଶେଷଜ୍ଞ କହିଛନ୍ତି ଯେ ଚାରୋଟି ଜିନିଷ ଆଖିକୁ ଦୁର୍ବଳ କରିପାରେ ଏବଂ କେତେକ କ୍ଷେତ୍ରରେ ଅନ୍ଧ ମଧ୍ୟ କରିପାରେ । ସାଧାରଣ ଭାବେ ଏକ୍ସପର୍ଟମାନେ କୁହନ୍ତି ଯେ, ବୟସ ବଢିବା ସହ ଦୃଷ୍ଟି ଶକ୍ତି କମିବା, ସାଧାରଣ କଥା କିନ୍ତୁ ଏମିତି କିଛି ଖାଦ୍ୟ ପଦାର୍ଥ ଯାହାକୁ ଖାଇବା ଦ୍ୱାରା ଆପଣ ବୟସ ପୂର୍ବରୁ ହିଁ ଦୃଷ୍ଟି ଶକ୍ତିକମିବାର ସମ୍ଭାବନା ରହିଛି । ସେଥିଲେ ଅତ୍ୟଧିକ ମିଠା ଜିନିଷ ଏବଂ ପ୍ରକ୍ରିୟାକୃତ କାର୍ବୋହାଇଡ୍ରେଟ୍ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ନଷ୍ଟ ହୋଇପାରେ । ଏହି ଖରାପ ପ୍ରକ୍ରିୟାକୃତ କାର୍ବୋହାଇଡ୍ରେଟ୍ ଖାଦ୍ୟ ହେଉଛି ଧଳା ପାଉଁରୁଟି ଏବଂ ପାସ୍ତା । ଏହାସହ, ଟମାଟୋ କେଚପ୍ ଏବଂ କୋଲ୍ଡ ଡ୍ରିଙ୍କସ ମଧ୍ୟ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଏହାର କାରଣ ହେଉଛି ଖାଦ୍ୟଗୁଡ଼ିକ ଶୀଘ୍ର ହଜମ ହେବା । ଯେଉଁ କାରଣରୁ ରକ୍ତରେ ଶର୍କରାର ସ୍ତର ବଢିଥାଏ ଏବଂ ରକ୍ତରେ ଶର୍କରା ବୃଦ୍ଧି ହେତୁ 'ବୟସ ସମ୍ବନ୍ଧୀୟ ମାକୁଲାର ଡାଜେନେରେସନ୍' (ଏଏମ୍‌ଡି)ର କାରଣ ହୋଇଥାଏ । ଏଏମ୍‌ଡି ହେଉଛି ଏକ ଚକ୍ଷୁ ରୋଗ ଯାହା ଦୃଷ୍ଟିଶକ୍ତିକୁ ଦୁର୍ବଳ କରିଥାଏ, ଦୃଷ୍ଟି ଶକ୍ତି ହରାଇବା ସହ ଶେଷରେ ଆପଣଙ୍କୁ ସମ୍ପୂର୍ଣ୍ଣ ଅନ୍ଧ ମଧ୍ୟ କରିପାରେ । ରକ୍ତରେ ଉଚ୍ଚ ଶର୍କରା ସ୍ତର ଟାଇପ୍-୨ ମଧୁମେହ ସୃଷ୍ଟି କରେ । ମଧୁମେହ ରୋଗୀମାନଙ୍କର ଆଖିରେ ସମସ୍ୟା ସୃଷ୍ଟି କରିଥାଏ । ମଧୁମେହ ରୋଗୀଙ୍କଠାରେ ଅଧିକ ସମୟ ରକ୍ତରେ ଶର୍କରା ଅନିୟନ୍ତ୍ରିତ ରହିଲେ ଆଖିରେ ସମସ୍ୟା ହେବାର ସମ୍ଭାବନା ଅଧିକ ରହିଥାଏ । ଯେଉଁମାନେ ପାଶ୍ଚାତ୍ୟ ଖାଦ୍ୟ ବା ଜଙ୍କଫୁଡ୍ ଖାଆନ୍ତି, ସେମାନଙ୍କ ଆଖିରେ ଅଧିକ ସମସ୍ୟା ଦେଖା ଦିଏ କାରଣ ଏହି ଖାଦ୍ୟଗୁଡ଼ିକ ଆଖିକୁ ନଷ୍ଟ କରିଦିଏ ।



# ହ୍ୱିସିଲ୍ ମାରନ୍ତି ଡଲଫିନ୍

କଣ୍ଠସ୍ୱର ନକଲ କରିବାର ଚମତ୍କାର ଗୁଣ ରଖିଥିବା ସାମୁଦ୍ରିକ ପ୍ରାଣୀ ଡଲଫିନ୍‌ର ଆଉ ଏକ ବିଶେଷ ଗୁଣ ରହିଛି। ସେମାନେ ଅନ୍ୟ ଡଲଫିନ୍‌କୁ ଏକ ସ୍ୱତନ୍ତ୍ର ନାମରେ ନାମିତ କରିଥା'ନ୍ତି ଏବଂ ସେହି ନାମରେ ସମ୍ବୋଧନ ମଧ୍ୟ କରିଥା'ନ୍ତି। ଏକ ସ୍ୱତନ୍ତ୍ର ପ୍ରକାର ସୁସୁରି ବା ହ୍ୱିସଲ୍ ମାରି ସେମାନେ ଏହି କାର୍ଯ୍ୟ ସାଧନ କରିଥା'ନ୍ତି। କୌଣସି ଡଲଫିନ୍ ଦଳ ପାଖରେ ଜଣେ ନବାଗତ ପହଞ୍ଚିଲେ ସେ ନିଜକୁ ଏକ ସ୍ୱତନ୍ତ୍ର ସିଟି ଦ୍ୱାରା ପରିଚିତ କରାଇଥାଏ। ପରେ ଦଳର ଅନ୍ୟ ଡଲଫିନ୍‌ମାନେ ସେହି ସିଟିକୁ ଅନୁକରଣ କରି ସେହି ନବାଗତଙ୍କୁ ସମ୍ବୋଧିତ କରିଥା'ନ୍ତି। ଏହିପରି ଭାବେ ସେମାନେ ସଂଖ୍ୟାଧିକ ଡଲଫିନ୍‌ଙ୍କୁ ଭିନ୍ନ ଭିନ୍ନ ସ୍ୱର (ସିଟି) ଦ୍ୱାରା ଚିହ୍ନଟ କରିଥା'ନ୍ତି। ସ୍ଥାନବିଶେଷରେ କୌଣସି ଡଲଫିନ୍‌କୁ ଅନ୍ୟ ଡଲଫିନ୍ ସ୍ୱାଗତ ବା ଆହ୍ୱାନ କଲାବେଳେ ସେ ଅତିଥି ଡଲଫିନ୍‌କୁ ତା' ସହ ସଂପୃକ୍ତ ସ୍ୱତନ୍ତ୍ର ସୁସୁରି ମାରି ଉଲ୍ଲେଖ କରିଥାଏ। ଫଳରେ ଜଣକ ଆହ୍ୱାନକୁ ନିର୍ଦ୍ଦିଷ୍ଟ ଡଲଫିନ ହିଁ ପ୍ରତିକ୍ରିୟା ଦେଖାଇଥାଏ। ପ୍ରାଣୀ ଜଗତରେ ମନୁଷ୍ୟ ବ୍ୟତୀତ ଡଲଫିନ୍ ?ମାନଙ୍କର ଏପରି ପାରସ୍ପରିକ ନାମକରଣ ପ୍ରକ୍ରିୟା ବିରଳ। ବେଳେ ବେଳେ ପାଖରେ କୌଣସି ସାଥୀ ଡଲଫିନ୍ ନଥିଲେ ମଧ୍ୟ ଡଲଫିନ୍‌ଟିଏ ସ୍ୱତନ୍ତ୍ର ସୁସୁରି ମାରୁଥିବା ଜଣାଯାଏ। ତେବେ ଏହି ନିରୀହ ପ୍ରାଣୀଟି ଅନ୍ୟମାନଙ୍କର ସ୍ୱର ନକଲ କରିବାର ଗୁଣ ରଖିଥିବାରୁ ବେଳେ ବେଳେ ଅନ୍ୟର ସ୍ୱରକୁ ଅଭ୍ୟାସ କରୁଥିବା ଗବେଷକମାନେ ସ୍ପଷ୍ଟ କରିଛନ୍ତି।

# ମହିମା ଚୌଧୁରୀଙ୍କୁ କ୍ୟାନ୍ସର



ବଲିଉଡ୍‌ର ଆଉ ଜଣେ କଳାକାରଙ୍କୁ କ୍ୟାନ୍ସର ହୋଇଛି। ତେବେ ଭଲ ଖବର ହେଉଛି ଯେ ସେ ଏଥିରୁ ପୂରା ସୁସ୍ଥ ହୋଇଯାଇଛନ୍ତି। ସେ ହେଉଛନ୍ତି ୧୯୯୭ରେ 'ପରଦେଶ୍' ଫିଲ୍ମରେ କିଙ୍ଗ୍ ଖାନ୍ ଶାହାରୁଖଙ୍କ ସହ ବଲିଉଡ୍‌ରେ ଏଣ୍ଟ୍ରି କରିଥିବା ଅଭିନେତ୍ରୀ ମହିମା ଚୌଧୁରୀ। ମହିମା ବ୍ରେଷ୍ଟ କ୍ୟାନସରରେ ପୀଡ଼ିତ ହୋଇଥିଲେ। ତେବେ ଏ ବିଷୟରେ ମାତ୍ର ଅଳ୍ପ କେତେ ଜଣ ଲୋକଙ୍କୁ ଜଣାଥିଲା। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବଲିଉଡ୍ ଅଭିନେତା ଅନୁପମ ଖେର। ମହିମା କ୍ୟାନ୍ସରରେ ପୀଡ଼ିତ ହୋଇଥିଲେ ବୋଲି ଆଜି ସାର୍ବଜନନୀ ହୋଇଛି। ଆଉ ଏହାକୁ ସୋଶାଲ୍ ମିଡିଆ ଯୋଗେ ସାର୍ବଜନୀନ କରିଛନ୍ତି ଅନୁପମ। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ୭ ମିନିଟ୍‌ରୁ ଅଧିକ ସମୟର ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ ନିଜେ ମହିମା ଅଛନ୍ତି। ଏଥିରେ ସେ କ୍ୟାନ୍ସରରେ ପୀଡ଼ିତ ହେବା ନେଇ କେମିତି ଜାଣିଲେ, କେମିତି ତାଙ୍କ ଚିକିତ୍ସା ଚାଲିଲା ଓ କେଉଁମାନେ ତାଙ୍କ ମନୋବଳ ବଢ଼ାଇଥିଲେ, ସେ ସଂପର୍କରେ କହିଛନ୍ତି। ଏହି ଭିଡିଓରେ ଆଉ ଗୋଟିଏ କଥା ମଧ୍ୟ ଦେଖିବାକୁ ମିଳିଛି। ଅନୁପମ ତାଙ୍କୁ ମଝିରେ ମଝିରେ କିଛି ପ୍ରଶ୍ନ କରୁଛନ୍ତି। ଆଉ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଯାଇ ମହିମା ତାଙ୍କର ପୂରା କାହାଣୀ କହିଛନ୍ତି। ଅନୁପମ ଏହି ଭିଡିଓର ଶୀର୍ଷକର ନାଁ ରଖିଛନ୍ତି ମହିମା ଚୌଧୁରୀଙ୍କ ସାହାସ ଓ କ୍ୟାନସର। ମାସେ ତଳେ ଆମେରିକାରୁ ମହିମା ଚୌଧୁରୀଙ୍କୁ ଅନୁପମ ଖେର ଫୋନ୍ କରି ତାଙ୍କର ୫୨୫ତମ ଚଳଚ୍ଚିତ୍ର 'ଦି ସିଗ୍ନେଚର'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବା ପାଇଁ କହିଥିଲେ। ଆଉ କଥାବାର୍ତ୍ତା ବେଳେ ସେ ଜାଣିବାକୁ ପାଇଥିଲେ ଯେ ମହିମା ବ୍ରେଷ୍ଟ କ୍ୟାନ୍‌ସରରେ ପୀଡ଼ିତ ଅଛନ୍ତି। ଅନୁପମଙ୍କ ପୂର୍ବରୁ ଆହୁରି କେତେକ ପ୍ରଯୋଜକ ଓ ନିର୍ଦ୍ଦେଶକ ମଧ୍ୟ ମହିମାଙ୍କୁ ଫୋନ୍ କରି ସେମାନଙ୍କ ପ୍ରୋଜେକ୍ଟ ପାଇଁ ଅଫର ଦେଇଥିଲେ। ହେଲେ ମହିମା ସମସ୍ତଙ୍କୁ କାରଣ ନ କହି ବିନମ୍ରତା ପୂର୍ବରୁ ମନା କରି ଦେଇଥିଲେ। ହେଲେ ସେ ଅନୁପମଙ୍କୁ ମିଛ କହି ପାରି ନଥିଲେ। ବ୍ରେଷ୍ଟ କ୍ୟାନସର ନେଇ ମହିମାଙ୍କଠାରେ କୌଣସି ଲକ୍ଷଣ ନଥିଲା। ସେ ପ୍ରତ୍ୟେକ ବର୍ଷ ସ୍ୱାସ୍ଥ୍ୟ ଚେକ୍‌ଅପ୍ କରୁଥିଲେ। ଚଳିତ ବର୍ଷ ଚେକ୍‌ଅପ୍ କଲା ବେଳେ ଡାକ୍ତରଙ୍କୁ ସନ୍ଦେହ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ବ୍ରେଷ୍ଟ କ୍ୟାନସରର ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ଜଣାପଡ଼ିଥିଲା। ମହିମା ଏହି ଭିଡିଓରେ ଏ ବିଷୟରେ କହିଛନ୍ତି। ଭିଡିଓର ଶେଷ ଆଡ଼କୁ ଅନୁପମ ଖେରଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ସେ ମହିମାଙ୍କୁ ତାଙ୍କ ହିରୋ ବୋଲି କହିଛନ୍ତି। ଏହା ସହିତ ଅନୁପମ ତାଙ୍କ ପୋଷ୍ଟରେ ମହିମା ଶୁଟିଂ ସେଟ୍‌କୁ ଫେରୁଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ମହିମା ଏବେ ଉଡ଼ିବା ପାଇଁ ପ୍ରସ୍ତୁତ ବୋଲି ବି ସେ ଲେଖିଛନ୍ତି। ମହିମାଙ୍କ ପାଇଁ ପ୍ରାର୍ଥନା କରିବାକୁ ଓ ତାଙ୍କୁ ଆଶୀର୍ବାଦ ଦେବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ମହିମା 'ଦାଗ୍- ଦି ଫାୟାର', 'ପ୍ୟାର କୋଇ ଖେଲ୍ ନହିଁ', 'ଦିୱାନେ', 'କୁରୁକ୍ଷେତ୍ର', 'ଧଡ଼କନ୍', 'ଲଜ୍ଜା', 'ବାଗବାନ', 'ଜମୀର', 'ଓମ୍ ଜୟ ଜଗଦୀଶ' ଓ 'ଦିଲ୍ ହେ ତୁମ୍‌ହାରା' ଭଳି ଫିଲ୍ମରେ ଅଭିନୟ କରିଛନ୍ତି। ଶେଷଥର ପାଇଁ ୨୦୧୬ରେ 'ଡାର୍କ ଚକୋଲେଟ୍'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ଗତ ୪ ବର୍ଷ ମଧ୍ୟରେ ସୋନାଲି ବେନ୍ଦ୍ରେ, ଋଷି କପୁର, ଇରଫାନ ଖାନ୍, ସଞ୍ଜୟ ଦତ୍ତ ଓ କିରଣ ଖେର କ୍ୟାନସରରେ ପୀଡ଼ିତ ହୋଇଥିଲେ। ସମସ୍ତେ ଚିକିତ୍ସା ପାଇଁ ବିଦେଶ ଯାଇଥିଲେ। ଋଷି କପୁର ଓ ଇରଫାନ ଖାନ ବିଦେଶରେ ଚିକିତ୍ସିତ ହୋଇ ଫେରିଥିଲେ ବି ଉଭୟଙ୍କର ମୃତ୍ୟୁ ହୋଇଥିଲା।

# ବାଲିଗୁଡାରେ ଉପଖଣ୍ଡ ସ୍ତରୀୟ ୯୦ତମ ଉତ୍କଳ ଦିବସ ପାଳନ ନିମନ୍ତେ ବ୍ୟାପକ ପ୍ରସ୍ତୁତି

ବାଲିଗୁଡା ,୨୫/୩(ନି.ପ୍ର): ବୀର ପ୍ରସବିନୀ ଉତ୍କଳମାତାର ବୀରପୁତ୍ରମାନଙ୍କ ଆତ୍ମବଳ ସଂଗ୍ରାମ, ସାଧନା, ତ୍ୟାଗ, ସାହସିକତା, ଦେଶପ୍ରେମ ଓ ଅପୂର୍ବ ଆତ୍ମ ଉତ୍ସର୍ଗ ଯୋଗୁଁ ୧୯୩୬ ମସିହା ଅପ୍ରିଲ ମାସ ୧ ତାରିଖ ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ଉକ୍ତ ଦିବସକୁ ଉତ୍କଳ ଦିବସ ରୂପେ ଓଡ଼ିଶାର ପୁରପଲ୍ଲୀରେ ପ୍ରତିବର୍ଷ ପାଳନ କରାଯାଉଅଛି । ଏହି ଅବସରରେ ସ୍ଥାନୀୟ ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ଉତ୍ସବ ପାଳନ କମିଟିର ସଭାପତିଙ୍କ ଅନୁମୋଦନ କ୍ରମେ ବାଲିଗୁଡ଼ା ଉପଖଣ୍ଡ ସଦର ମହକୁମାଠାରେ ଉପଖଣ୍ଡ ସ୍ତରୀୟ ୯୦ତମ ଉତ୍କଳ ଦିବସ ମହାସମାରୋହରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉକ୍ତ ଦିନ ପ୍ରତ୍ୟୁଷରୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଡାକବାଜି ଯନ୍ତ୍ର ଯୋଗେ ସମଗ୍ର ସହରରେ ଉତ୍କଳ ବନ୍ଦନା 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରାଯିବ । ପରେ ପରେ ପ୍ରଭାତ ଫେରୀ କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଗଣ ନିଜ ନିଜ ଅନୁଷ୍ଠାନରୁ ବାହାରି ଉତ୍କଳମାତା ଓ ବୀରପୁତ୍ର ମାନଙ୍କର ସ୍ଲୋଗାନ ମାନ ଦେଇ ସକାଳ ୭ ଘଣ୍ଟା ସମୟରେ ଟାଉନ ହଲ ସଭାଗୃହ ପରିସରରେ ସମବେତ ହେବେ । ପ୍ରାତଃ ୭.୩୦ମି. ସମୟରେ ଓଡ଼ିଶାର ବରପୁତ୍ର ମାନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯିବ । ପ୍ରଭାତ ଫେରି ଓ ସଭାସ୍ଥଳର ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ପ୍ରବଳ ସମାଗମ ଦୃଷ୍ଟିରୁ ଯାନବାହନ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ନିମନ୍ତେ ବାଲିଗୁଡ଼ା ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି । ପ୍ରତ୍ୟେକ ବିଦ୍ୟାଳୟରୁ କେବଳ ୧୦ ଜଣ ଛାତ୍ରଛାତ୍ରୀ ପ୍ରଭାତଫେରୀ ସହିତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହିତ ଆସିବେ । ଏଥି ନିମନ୍ତେ ବାଲିଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ମଧ୍ୟ ଅନୁରୋଧ କରାଯାଇଛି । ଏହି ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା :- ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, କୌତୁକ ପୋଷାକ ପ୍ରତିଯୋଗିତା ଭଳି ବିଭିନ୍ନ ପ୍ରତିଯୋଗିତା ଚଳିତ ମାସ ୨୬ ତାରିଖ ଠାରୁ ଆରମ୍ଭ




ହେବ । ବାଲିଗୁଡ଼ା ସହର, ସଭାଗୃହ ପରିସର ଓ ତା' ନିକଟବର୍ତ୍ତୀ ଅଞ୍ଚଳ ପରିଷ୍କାର ପରିଚ୍ଛନ୍ନ କରିବା ସହ ପାନୀୟ ଜଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି । ଉତ୍କଳ ଦିବସ ଉପଲକ୍ଷେ "ବନ୍ଦେ ଉତ୍କଳ ଜନନୀ" ଗାନ କରିବା ପାଇଁ ବନବାସୀ ସେବା ସମିତିର ଛାତ୍ରୀଗଣଙ୍କୁ ବାଦ୍ୟଯନ୍ତ୍ର ସହ ପ୍ରେରଣ କରିବାକୁ ସ୍ଥାନୀୟ ବନବାସୀ ସେବା ସମିତିର ସମ୍ପାଦକଙ୍କୁ ଅନୁରୋଧ କରାଯାଇଛି । ଏତଦବ୍ୟତୀତ ଉକ୍ତ ଦିନ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସକାଳ ୭ ଘଣ୍ଟା ସମୟରେ ଉପସ୍ଥିତ ଛାତ୍ରଛାତ୍ରୀ ଜନସାଧାରଣଙ୍କ ସୁବିଧା ପାଇଁ ଏକ ଭ୍ରାମ୍ୟମାଣ ଚିକିତ୍ସାଯାନ ଯୋଗାଇବାକୁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଅନୁରୋଧ କରାଯାଇଥିବା ଜଣାପଡ଼ିଛି । କୌତୁକ ପୋଷାକ ପ୍ରତିଯୋଗିତା ପରେ ପରେ ଏକ ସାଧାରଣ ସଭା ସ୍ଥାନୀୟ ସଭାଗୃହ ପରିସରରେ ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯିବା ପାଇଁ ସ୍ଥିର କରାଯାଇଛି । ଓଡିଶା ଦିବସ ଉପଲକ୍ଷେ ସହରର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନର କୋଠାବାଡ଼ି ମାନଙ୍କରେ ୩୧ ତାରିଖ ସନ୍ଧ୍ୟା ଓ ଉତ୍କଳ ଦିବସ ଦିନ ସ୍ୱ-ଖର୍ଚ୍ଚରେ ଆଲୋକମାଳ ଓ ଦୀପରେ ସଜ୍ଜିତ କରିବା ପାଇଁ ସମସ୍ତ କାର୍ଯ୍ୟାଳୟ ମୁଖ୍ୟ ଓ ବ୍ୟକ୍ତି ବିଶେଷଙ୍କୁ ଅନୁରୋଧ କରାଯାଇଛି । ଏହି ଉତ୍ସବଟିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ସ୍ଥାନୀୟ ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ଉତ୍ସବ ପାଳନ କମିଟିର ସଭାପତି ଡ଼ଃ. ରୀନା ପ୍ରଧାନ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ହତ୍ୟାକାରୀଙ୍କୁ ଆଜୀବନ

ବ୍ରହ୍ମପୁର ୨୫/୩(ନି.ପ୍ର): ଗଞ୍ଜାମ ଜିଲ୍ଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଏକ ହତ୍ୟା ମାମଲାର ଶୁଣାଣି କରି ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଉଛନ୍ତି ନିମଖଣ୍ଡି ବଡ଼ସାହିର ହରିହର ସାହୁ ଓରଫ୍ ବାପୁନି। ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଆଧାରରେ ତାଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୫ହଜାର ଟଙ୍କା ଜରିମାନା ଦେବାକୁ ରାୟ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ୨୦୨୩ ଡିସେମ୍ବର ୧୧ତାରିଖରେ ଗାନ୍ଧୀନଗର ଦ୍ୱିତୀୟ ଲାଇନ୍? ରାସ୍ତାରେ ଜଣେ ବ୍ୟକ୍ତିଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ମୃତକ ଜଣଙ୍କ ଅମ୍ବିକାନଗରର ରଙ୍କ ସେଠୀ ବୋଲି ଜଣାପଡ଼ିଥିଲା। ଟାଉନ୍ ଥାନା ପୁଲିସ ଏହି ଘଟଣାରେ କେସ୍ ନମ୍ବର ୫୧୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି କ୍ୟାମେରାରୁ ମିଳିଥିବା ଫୁଟେଜ୍ ଅନୁସାରେ ପୁଲିସ ଏକ ସ୍କୁଟି ନମ୍ବର ଟ୍ରାକ୍ କରି ତଦନ୍ତ ଆରମ୍ଭ କରିଥିଲା। ପରେ ସମ୍ବଲପୁର ରେଳ ଷ୍ଟେସନ୍‌ରୁ ଅଭିଯୁକ୍ତ ବାପୁନିଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରଙ୍କ ବିଭିନ୍ନ ସମୟରେ ବାପୁନିଙ୍କୁ ନାନା କଥା କହି ହଇରାଣ କରୁଥିଲେ। ଏଣୁ ସେ ଏହି ହତ୍ୟାକାଣ୍ଡ ଘଟାଇଥିବା ଜଣାପଡ଼ିଥିଲା। ମାମଲାର ବିଚାରଣା ବେଳେ ମୋଟ ୧୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଆଧାରରେ କୋର୍ଟ ଦଣ୍ଡାଦେଶ ଶୁଣାଣିଛନ୍ତି। ସରକାରଙ୍କ ତରଫରୁ କ୍ୟାଡର ପିପି ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରିଥିଲେ।

## ଘଣ୍ଟବାହାଲି ଗ୍ରାମବାସି ମାନଙ୍କ ପାଇଁ ରାସ୍ତା ସାତସପନ



ଭବାନୀପାଟଣା, ୨୫/୩(ନି.ପ୍ର): ଆମ ଓଡିଶା ରାଜ୍ୟ ରେ କଳାହାଣ୍ଡି ଜିଲ୍ଲା ର ଏକ ସ୍ୱତନ୍ତ୍ର ପରିଚୟ ରହିଅଛି । କଳାହାଣ୍ଡି ମାଟି ହେଉଛି ଜଗତର ମାଁ ମାଁ ମାଣିକେଶ୍ୱରୀ ର ମାଟି, ଏହି ମାଟି ହଉଛି ମାଁ ଲଙ୍କେଶ୍ୱରୀ ର ମାଟି, ବୀର ରେଣ୍ଡୋ ମାଝୀ ର ମାଟି । ଗୋଟେ ପଟେ କଳାହାଣ୍ଡି ଜିଲ୍ଲା ର ଘୁମୁରା ବାଦ୍ୟ ବିଶ୍ୱ ଦରବାରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କିନ୍ତୁ ଅପରପକ୍ଷେ ଜିଲ୍ଲା ର ସଦର ମହକୁମା, ଭବାନୀପାଟଣା ଠାରୁ ମାତ୍ର ୨୫ କିଲୋମିଟର ଦୁରରେ ଅବସ୍ଥିତ ଚଗାଁ ପଞ୍ଚାୟତର ଘଣ୍ଟବାହାଲି ଗ୍ରାମ ସ୍ୱାଧୀନତା କୁ ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ସୁଧା ଆଜି ବିକାଶ ରୁ ବଞ୍ଚିତ ହୋଇଅଛି । ଘଣ୍ଟବାହାଲି ଗ୍ରାମକୁ ଯିବା ପାଇଁ ଆଜି ମଧ୍ୟ ଭଲ ରାସ୍ତା ଟେ ନାହିଁ । ଭବାନୀପାଟଣା - ରାୟପୁର କୁ ସଂଯୋଗ କରୁଥିବା ୯ଏଚ -୨୬ ମୁଖ୍ୟ ସଡକ ଠାରୁ କିଛି ଦୂରରେ ଅବସ୍ଥିତ ଘଣ୍ଟବାହାଲି ଗ୍ରାମ । କଳାହାଣ୍ଡି ଜିଲ୍ଲା ସଦର ମହକୁମା ଠାରୁ ଅଳ୍ପ ଦୂରରେ ଥାଇ ମଧ୍ୟ ଆଜି ଏହି ଗ୍ରାମର ଜନସଧାରଣ ରାସ୍ତା ପାଇଁ ନାହିଁନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ବର୍ଷା ର ଆଗମନରେ ଗାଁ ରାସ୍ତା ପାଲଟିଯାଏ ମରଣଯନ୍ତା ସଦୃଶ । ରୋଗୀ ପାଇଁ ଆମ୍ବୁଲେନ୍ସ ଆସିବାରେ ଅନେକ ବିଳମ୍ବ ହୋଇଥାଏ ଏହି ଖରାପ ରାସ୍ତା ପାଇଁ । ବାରମ୍ବାର ବିଭାଗୀୟ କର୍ତୃପକ୍ଷ ଙ୍କୁ ସାକ୍ଷାତ କରି ସମସ୍ୟା ର ଅଭିଯୋଗ କରି ମଧ୍ୟ କୌଣସି ସୁଫଳ ପାଇଁ ପାରି ନାହାନ୍ତି ଘଣ୍ଟବାହାଲି ଗ୍ରାମବାସିବୃନ୍ଦ । ସବୁ ସରକାରୀ ଯୋଜନା ଯେମିତି ମୁହଁ ଆଡେଇ ଦେଇଛି ଏହି ଗାଁ ପାଇଁ। ଆଜି ର ଦୁନିୟା ହଉଛି ସ୍ମାର୍ଟ ଫୋନ ଆଉ ସ୍ମାର୍ଟ ଲୋକଙ୍କ ଦୁନିୟା, ବର୍ତ୍ତମାନ ଏହି ଗ୍ରାମର ଯୁବପିଢ଼ି କିନ୍ତୁ ପ୍ରଶ୍ନ କରୁଛି ସରକାରକୁ " ଆମର ଭୁଲ କଣ ?? କାହିଁକି ଗୋଟେ ଭଲ ରାସ୍ତା ରୁ ଦୁରେଇ ରଖାହେଇଛି ଘଣ୍ଟବାହାଲି ଗ୍ରାମବାସୀଙ୍କୁ ?? ବର୍ତମାନ କିନ୍ତୁ ଓଡିଶା ରାଜ୍ୟରେ ନୂତନ ସରକାର । ଘଣ୍ଟବାହାଲି ଗ୍ରାମବାସି ମଧ୍ୟ ନୂତନ ସରକାରଙ୍କଠୁ ନୂତନ ଆଶା କରିଛନ୍ତି। ଏହି ସରକାର ପୂରଣ କରିବେ ତାଙ୍କର ସ୍ୱପ୍ନ ଆଉ ସେମାନେ ପାଇପାରିବେ ସେମାନେ ତାଙ୍କର ହକ । ଆଜି ସମସ୍ତ ଗ୍ରାମବାସୀ ସରକାର ଆଉ ସ୍ଥାନୀୟ ନେତୃତ୍ୱ କୁ ଉନ୍ନତମାନର ରାସ୍ତା ଯଥାଶୀଘ୍ର ନିର୍ମାଣ ପାଇଁ ଅନୁରୋଧ କରୁଛନ୍ତି। ଦେଖିବାକୁ ବାକି ରହିଲା ସରକାର ଆଉ ବିଭାଗୀୟ ଅଧିକାରୀ କେତେ ଶୀଘ୍ର ଘଣ୍ଟବାହାଲି ଗାଁରେ ନୂତନ ରାସ୍ତା ନିର୍ମାଣ କରିବେ ।

## ପୋଚାଲୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବୁଗୁଡା ୨୫/୩(ନି.ପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପୋଚାଲୁଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ପରିଡା ଅଧକ୍ଷତା କରିଥଲେ। ପୋଚାଲୁଣ୍ଡି ପଞ୍ଚାୟତର ସରପଞ୍ଚ ସୁଜାତା କୁମାରୀ ପ୍ରଧାନ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ବେହେରା ,ବିଷ୍ଣୁଚକ୍ର କ୍ଲଷ୍ଟର ସି.ଆର.ସି.ସି ସନ୍ତୋଷ କୁମାର ଡାକୁଆ, ମା କାଳୀ କୃଷକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମା ରଞ୍ଜନ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନବକୃଷ୍ଣ ସାହୁ , ସମିତି ସଭ୍ୟ କାହ୍ନୁ ଚରଣ ସେଠୀ, ଏନ୍ ପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଳୀୟ ସାମଲ , ଘୋଡାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଜେନା, ସୋରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସ୍ମୃତି ସ୍ମିତା ସାହୁ, ଖୁଦପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଛବି କୁମାରୀ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପରିଡ଼ା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ପବିତ୍ର ମୋହନ ପ୍ରଧାନ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅଭିବାବକଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରାସ୍କାର ପ୍ରଦାନ କରିଥିଲେ। ଏହାପରେ ଆମ ସଂସ୍କୃତି, ଆମ ଖେଳନା କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ମିତ ଖେଳନା ପଦର୍ଶିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଭିକାରୀ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରଥିଲେ।

## ୮ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ କଲା ଅବକାରୀ ବିଭାଗ

କଳାହାଣ୍ଡି ୨୫/୩(ନି.ପ୍ର): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ କୁରେଲଗୁଡା ସମ୍ମୁଖେରେ ଥିବା ଜଙ୍ଗଲରେ କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗର ଏସ୍ପି ରଞ୍ଜନ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଜୟପାଟଣା ଥାନା ଅଧିକାରୀ ନରେନ୍ଦ୍ର ମିଞ୍ଜଙ୍କ ନେତୃତ୍ୟରେ ଏକ ଟିମ ଗଠନ କରି ଚଢ଼ାଉ କରିଛି। ଜଙ୍ଗଲରୁ ପ୍ରାୟ ୮ କ୍ୱିଣ୍ଟାଲ ରୁ ଉର୍ଦ୍ଧ୍ୱ ହେବ ମହୁଲ ପୋଚ ଓ ଦେଶୀ ମଦ ରନ୍ଧାରେ ବ୍ୟବହୃତ ସାମଗ୍ରୀ ନଷ୍ଟ କରାଯାଇଛି । ହେଲେ ଅବକାରୀ ବିଭାଗ କୁ ଚକମା ଦେଇ ମଦ ପ୍ରସ୍ତୁତକାରୀମାନେ ଚମ୍ପଟ ମାରିଥିବା ସୂଚନା ମିଳିଛି। ଏହି ଚଢ଼ାଉରେ କନେଷ୍ଟବଳ ବଳଭଦ୍ର ପାତ୍ର, ଆରୁଣକ୍ଷ ଧଙ୍ଗଡାମାଝୀ, ଖୁସିଦେବ କଟା, ପ୍ରିୟମ୍ବଦା ଜେନା, ପ୍ରମୁଖ ସାମିଲ ହୋଇ ଥିଲେ। ତେବେ କୋକସରା ବ୍ଲକ ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାହ୍ମ ବରାଡ଼ଙ୍ଗ, ଆମପାଣି, ବିଚିମୁହାଣ, କୁରୁରୁ, ନୂଆଗାଁ, ଗାଇବନ୍ଧା, ଝୁଲେନବର, ପିଣ୍ଡାପଦର, ଖାଲିଗଡ଼, ଘଣ୍ଟିଗୁଡା ଓ ଗୋତମୁଣ୍ଡା ପଞ୍ଚାୟତର ବିଭିନ୍ନ ସ୍ଥାନରେ ମଧ୍ୟ ଅନେକ ଦିନରୁ ହାତରନ୍ଧା ଦେଶୀ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିବାକୁ ସାଧାରଣରେ ଦାବି ହେଉଛି ।

## ବିଷ ପ୍ରକିୟାରେ ୧୨ ଛେଳି ମୃତ, ୧୮ ଅସୁସ୍ଥ



ଓଡ଼ାପଡ଼ା/ହିନ୍ଦୋଳ ୨୫/୩(ନି.ପ୍ର): ଆଜି ହିନ୍ଦୋଳ ରୋଡ ଫାଣ୍ଡି ନିକଟସ୍ଥ ନୂଆଁଗୁରସିଂହ ଗ୍ରାମର କିଛି ଛେଳି ବିଷ ପ୍ରକିୟା ଯୋଗୁଁ ୧୨ ଟି ଛେଳି ମୃତ୍ୟୁବରଣ କରିଥିବାବେଳେ ୧୮ ରୁ ଅସୁସ୍ତ ହୋଇ ଓଡ଼ାପଡ଼ା ପ୍ରାଣୀ ଚିକିତ୍ସାଳୟ ରେ ଚିକିତ୍ସାଧୀନ ଥିବା ଜଣାପଡିଛି ।ଖବର ନେବାରେ ଜଣାଗଲା ଯେ ଆଜି ନୂଆ ବାଙ୍ଗୁରସିଂହ ଗ୍ରାମ ର କିଛି ମହିଳା ସବୁଦିନ ପରି ଆଜି ସେମାନଙ୍କ ଛେଳି ଗୁଡିକ କୁ ଚରାଇବା ପାଇଁ ନିକଟସ୍ଥିଲ ମାଳିଆକୁ ନେଇ ଚଳାଉଥିବା ବେଳେ କିଛି ଛେଳି ଅସୁସ୍ତ ହୋଇ ତଳେ ପଡି ଯାଇଥିଲେ ସେହି ଛେଳି ଗୁଡିକ କୁ ନିକଟସ୍ଥ ଓଡ଼ାପଡ଼ା ପ୍ରାଣୀ ଚିକିତ୍ସାଳୟ କୁ ଚିକିତ୍ସା ନିମନ୍ତେ ଆଣିଥିଲେ। ସେଠାରେ ଡାକ୍ତର ୧୨ ଗୋଟି ଛେଳି କୁ ମୃତ ଘୋଷଣା କରିବା ସହିତ ଅନ୍ୟାନ୍ୟ ୧୮ ଗୋଟି ଛେଳି ଙ୍କୁ ଚିକିତ୍ସା ପରେ ସୁସ୍ଥ ହେଉଥିବା ଜଣାପଡିଛି ।ଏ ସମ୍ପର୍କରେ ନୂଆବାଙ୍ଗୁରସିହ ଗ୍ରାମ ର ମାଳତୀ ମହାରଣା ଓ ଝରି ମହାରଣା ନାମକ ଦୁଇ ଜଣ ମହିଳା ହିନ୍ଦୋଳ ରୋଡ ଫାଣ୍ଡି ରେ ଲିଖିତ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ବିକାଶ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରଂଭ କରିଥିବା ଜଣାପଡିଛି ।ଏ ସମ୍ପର୍କରେ ଓଡ଼ାପଡ଼ା ପ୍ରାଣୀ ଚିକିତ୍ସାଳୟ ର ଡ଼ଃ କୈଳାସ ଚନ୍ଦ୍ର ଶତପଥୀ ଙ୍କୁ ପଚାରିବାରୁ ସେ ମହାଶୟ କହିଛନ୍ତି କି ବିଷ ପ୍ରକିୟା ଯୋଗୁଁ ଛେଳି ଗୁଡିକ ମୃତ ବରଣ କରିଥିବା ଅନୁମାନ କରାଯାଏ। ପରୀକ୍ଷା ରିପୋର୍ଟ ଆସିବାପରେ ମୃତ ର କାରଣ ଜଣାପଡିବ ବୋଲି କହିଛନ୍ତି।

## ପାତ୍ରଗୁଡ଼ା ୟୁଜି ଏମ ଇସ୍କୁଲ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ମୁନିଗୁଡା ୨୫/୩(ନି.ପ୍ର): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଅଧିନସ୍ତ ପାତ୍ରଗୁଡା ୟୁ,ଜି,ଏମ୍ ଇସ୍କଲ ର ୨୦୨୫ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରଦୀପ ରନ୍ହାଲୁଙ୍କ ଅଧକ୍ଷତା ଓ ଆମ ସଂସ୍କୃତି ଆମ ଖେଳନା ତରଫରୁ ପାଳନ କରାଯାଇଛି। ପିଲାଙ୍କ ପାଇଁ ଅଖା ଦୌଡ, ମ୍ୟୁଜୀକ୍ ଚିୟାର,ପୁଚି,ଗଣୀତ, ବିଭିନ୍ନ ଖେଳ ଏବଂ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥିଭାବେ ଏବିଓ ସୁବାଷ ସିଂ,ମୂଖ୍ୟବକ୍ତା ସମିତି ସଭ୍ୟା ସୁକୁନ୍ତଳା ନୃଣ୍ଡୁକା,ଅନ୍ୟତମ ବକ୍ତା ବିଦ୍ୟାଳୟର ପୂର୍ବତନ ସଭାପତି




ତଥା ଅଞ୍ଚଳର ବରିଷ୍ଠ ସାମ୍ବାଦିକ କ୍ଷମା ସାଗର ଦାଶ,ସରପଞ୍ଚ ଅନନ୍ତ ନୁଣ୍ଡୁକା, ପୂର୍ବତନ ପ୍ରଧାନ ଶିକ୍ଷକ ସୁବାସ ଖୁରା ଓ ଅଞ୍ଜନା ହାତୀ,ପ୍ରମଦ ପଣ୍ଡା ପୁର୍ବତନ ସଭାପତି ତଥା ସର୍ବ ଶିକ୍ଷା ଅଭିଯାନର ସଭାପତି ବିଜୟ ସାତେତ୍ତୁ,ଗାନ୍ଧିଜୀ ଯୁବକ ସଂଘ ର ସଭାପତି ବଳଦେବ ଶତପଥୀ,ପୂର୍ବତନ ସଭାପତି ଚକ୍ରଧର ଶତପଥୀ ପ୍ରମୁଖ ମଞ୍ଚାଶିନ ଅତିଥି ଭାବେ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।ଏହି ବାର୍ଷିକ ଉତ୍ସବକୁ ଅତୀଥି ମାନେ ଆମ ଓଡ଼ିଆ ଭାଷା,କଳା,ସଂସ୍କୃତି ଏବଂ ଶିକ୍ଷାକୁ ପ୍ରାଧାନ୍ୟ ଦେବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅଭିଭାଷଣରେ କହିଥିଲେ। ସାମ୍ବାଦିକ ଶ୍ରୀଯୁକ୍ତ ଦାଶ କହିଥିଲେ ଏହି ମାଟିରେ ମୋର ଜନ୍ମ ଏହି ଇସ୍କଲରେ ଦିନେ ଛାତ୍ର ଥିଲି,ଏହି ଇସ୍କଲର ସଭାପତି ମଧ୍ୟ ଦିନେ ଥିଲି ଏବଂ ଆଜି ଅନ୍ୟତମ ମୁଖ୍ୟବକ୍ତା ଭାବେ ଅତିଥି ହୋଇଥିବାରୁ ମୁଁ ଅତି ଗର୍ବ ଓ ଗୌରବ ମନେ କରୁଛି ବୋଲି କହିଥିଲେ ।ଏଥିସହ ପିଲାମାନଙ୍କୁ ଚରିତ୍ରବାନ ହେବା ସହ ଉଚିତ୍ ଶିକ୍ଷା ଲାଭକରି ବିଦ୍ୟାଳୟ ତଥା ଆମ ଅଞ୍ଚଳର ନାଆଁ ରଖିବାକୁ ପରାମର୍ଶ ଦେଇଥିଲେ ।ଶେଷରେ ଶିକ୍ଷକ ଶୁଶାନ୍ତ ହୁଇକା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନବିଭାଗର ପାଟ୍ରୋଲିଂ ବେଳେ ସାଇଜ କାଠ ସହ ବୋଲେରୋ ପିକଅପ ଜବତ : ଚାଲାଣକାରୀ ଚମ୍ପଟ

ବାଲିଗୁଡା ୨୫/୩(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ କୋଟଗଡ ବନାଞ୍ଚଳର ଅଭୟାରଣ୍ୟ ଅଞ୍ଚଳ ମଧୁଗୁଡ଼ା ନିକଟରେ ବନବିଭାଗର ପାଟ୍ରୋଲିଂ ଚାଲିଥିବା ବେଳେ ଏକ ବୋଲେରୋ ପିକଅପ୍ ଗାଡ଼ି ନଂ.ଓଆର-୦୩-ଏଫ- ୨୬୮୬ କୁ ତନଖି କରିବା ବେଳେ ସେଥିରୁ ୧୧୬ ଖଣ୍ଡ ସାଇଜ କାଠ (୬୨ସିଫ୍ଟ) କୁ ଜବତ କରିଥିବା ବେଳେ ଘଟଣା ସ୍ଥଳରୁ ଗାଡି ଡ୍ରାଇଭର ଓ ଅନ୍ୟ ସହଯୋଗୀ ସାଥୀ ଚମ୍ପଟ ମରିଥିବା ବିଷୟ ବନଖଣ୍ଡ ଅଧିକାରୀ ବାଲଗୋପଲ୍ ବେହେରା ସୂଚନା ପ୍ରଦାନ କରିଛନ୍ତି । ଜବତ ହୋଇଥିବା କାଠର ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ ବୋଲି ଆକଳନ କରିଛି ବନବିଭାଗ। ଏନେଇ କୋଟଗଡ ବନ ବିଭାଗରେ ଏକ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଛି ବନ ବିଭାଗ । ପାଟ୍ରୋଲିଂ ସମୟରେ ଫରେଷ୍ଟ୍ର ରବି ନାୟକ, ପ୍ରିୟଙ୍କା କହଁର ,ବିଜୟାନନ୍ଦ ସେଠୀ, ଫରେଷ୍ଟ ଗାର୍ଡ ଦୀପକ ପଟ୍ଟନାୟକ, ଫରେଷ୍ଟ ଗାର୍ଡର ସ୍ୱାର୍ଡ ବିରେନ ମାଝୀ, ଗୋପାଳ ନାୟକ, ଗୌରୀ ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବିଧାୟକ ଓମ୍ ପ୍ରକାଶ ମିଶ୍ର ଜମାଲଗୋଦା ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ

କଣାସ ୨୫/୩(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଜାମଲଗୋଦା ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମର ଗୁରୁଜନ, ମାଆ, ମାଉସୀ ଓ ବଡ଼ ଭାଇମାନଙ୍କ ସହିତ ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଓ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର । ଗ୍ରାମବାସୀମାନେ ଜଣାଇଥିବା ଅସୁବିଧା ଗୁଡ଼ିକୁ ବିଧାୟକ ଶ୍ରୀ ମିଶ୍ର ହୃଦଙ୍ଗମ କରି ୯ ମାସ ଭିତରେ କିଛି ସମସ୍ୟା ସମାଧାନ ହୋଇଛି ଓ ଆଗକୁ ଗ୍ରାମର ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଗ୍ରାମବାସୀଙ୍କୁ ନିର୍ଭର ପ୍ରତିଶୃତି ଦେଇଥିଲେ । ଏହି ଅବସରରେ, ଗ୍ରାମବାସୀମାନେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବିଧାୟକ ଗ୍ରାମବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ପରେ ସାନପଡା ଗ୍ରାମରେ ବିଧାୟକ ଶ୍ରୀ ମିଶ୍ର ପହଞ୍ଚି ଆୟୋଜିତ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସାନପଡା ଗ୍ରାମର ମହିଳା ,ପୁରୁଷ ଓ ଯୁବକ ସଂକ୍ରିର୍ତନ ଓ ହୁଳହୁଳି ମାଧ୍ୟମରେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ ଓ ଗ୍ରାମର ସମସ୍ୟା ବିଷୟରେ ଆଲୋଚନା କରିଥିଲେ ।ସମସ୍ୟାର ସମାଧାନ ପାଇଁ ବିଧାୟକ ପ୍ରତିଶୁତି ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟା ଲତାମଣୀ ଜଗଦେବ,ସରପଞ୍ଚ ପ୍ରତିନିଧି ନାରାୟଣ ପ୍ରଧାନ,ଅମୂଲ୍ୟ କୁମାର ଜେନା,ଧବଳେଶ୍ୱର ନାୟକ ଓ ଅନ୍ୟାନ୍ୟ ଛାମୁଆ କର୍ମୀ ଉପସ୍ଥିତ ଥିଲେ ।

## ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ

ବେଲଗୁଣ୍ଠା ୨୫/୩(ନି.ପ୍ର): ବେଲଗୁଣ୍ଠା ସ୍ଥିତ ନୋଡ଼ାଲ ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷୟିତ୍ରୀ ନିବେଦିତା ପାଲକ୍ (୪୪)ଙ୍କ ଅକାଳ ବିୟୋଗରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି ଓ ସ୍ୱର୍ଗତ ପାଲକ୍ କିଛିଦିନ ହେବ ନିମୋନିଆ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ଓ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଦିନ ରାତ୍ର ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା ସ୍ୱର୍ଗତ ପାଲକଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସ୍ୱାମୀ ପ୍ରତିନିଧି ବର୍ଦ୍ଧନ, ଦୁଇ ସନ୍ତାନଙ୍କ ସମେତ ପରିବାର ସଦସ୍ୟ ଏବଂ ବନ୍ଧୁବର୍ଗ ଉପସ୍ଥିତ ଥିଲେ ସ୍ୱର୍ଗତ ପାଲକ୍ ଙ୍କ ନିଜ ଗ୍ରାମ ଗଜପତି ଜିଲ୍ଲାର ଗାଇବା ଗ୍ରାମ ହୋଇଥିବା ବେଳେ ସେ ଗତ ୨୦୦୬ ମସିହାରୁ ବେଲଗୁଣ୍ଠା ଜି.ଟି ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟକରି ଆସୁଥିବା ବେଳେ ପାଖାପାଖି ତିନିବର୍ଷ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଛାତ୍ରଛାତ୍ରୀଙ୍କ ଗହଣରେ ଆଦରଣୀୟା ହୋଇପାରିଥିବା ବେଳେ ଜଣେ ଉତ୍ତମ ବ୍ୟକ୍ତି ଭାବେ ସହକର୍ମୀ, ବେଲଗୁଣ୍ଠା ବ୍ଲକ୍ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରିୟପାତ୍ରୀ ହୋଇପାରିଥିଲେ ଓ ତାଙ୍କର ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବେଲଗୁଣ୍ଠା ମୃତ୍ୟୁରେ ବେଲଗୁଣ୍ଠା ଏବିଇଓ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା ରଥ, ଭାଗ୍ୟଲତା ପ୍ରଧାନ, ସିଆରସିସି ମନୋଜ ପଟ୍ଟନାୟକ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା,ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମହାରଣା, ଲୋପାମୁଦ୍ରା ରଥ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ସେଠୀଙ୍କ ସମେତ ବ୍ଲକ୍ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ଆଜି ନିଜ ଗ୍ରାମ ଗାଇବାରେ ସ୍ୱର୍ଗତ ପାଲକ୍ ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏହି କାର୍ଯ୍ୟରେ ବେଲଗୁଣ୍ଠାରୁ ଶିକ୍ଷକ ସୁମନ୍ତ କୁମାର ସେଠୀ, ଦିପ୍ତିରଞ୍ଜନ ପଣ୍ଡା,କେଶରୀ ନନ୍ଦନ ପ୍ରଧାନ ସତିଶ୍ ମହାରଣା ଉପସ୍ଥିତ ଥିଲେ।

## ସ୍ମଶାନ ବନ୍ଧୁ ସଂଘମିତ୍ରା ଗ୍ରୁପ ଙ୍କ ଦ୍ୱାରା ଦୁଇଟି ଶବ ଦାହ



ବରଗଡ ୨୫/୩(ନି.ପ୍ର): ବରଗଡ ଜିଲ୍ଲାର ସଂଘମିତ୍ରା ଗ୍ରୁପ ଦୁଇଟି ଶବ ଦାହ କରିଛନ୍ତି ।ସୂଚନା ଥାଉ କି ବିଜେପୁର ଥାନା ରୁ ୧୮ ତାରିଖ ରାତି ୧୦ ଟା ସମୟରେ ସ୍ମଶାନ ବନ୍ଧୁ ସଂଘମିତ୍ରା ଙ୍କୁ ଫୋନ କଲ୍ ଆସିଥିଲା। ବିଜେପୁର ଅଧିନସ୍ଥ ମାଝିପାଲି ଗ୍ରାମ ରେ ଏକ ଅଜଣା ବ୍ୟକ୍ତି ଙ୍କ ଅର୍ଦ୍ଧ ନଗ୍ନ ଭାବରେ ମୃତ ଶରୀର ପଡ଼ି ରହିଥିଲା ।ଉକ୍ତ ଗ୍ରାମର ଜଣେ ଯୁବକ ଏହି ବିଷୟରେ ଥାନା କୁ ଜଣାଇଥିଲେ ।ବିଜେପୁର ଥାନା ରୁ ପୋଲିସ ଷ୍ଟାଫ୍ ଆସି ଶବ କୁ ଉଦ୍ଧାର କରି ତଦନ୍ତ ଚଳାଇଥଲେ ମାତ୍ର ସେହି ଶବ ର କୌଣସି ଠିକଣା ନ ମିଳିବାରୁ କେସ ନଂ ୫/୨୫ ରେ ମାମଲା ରୁଜୁ କରି ବରଗଡ ଖେଦାପାଲି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଶବ ବ୍ୟବଚ୍ଛେଦ କରି ଶବ ଗୃହ ରେ ରଖିଥିଲେ ।ଦୀର୍ଘ ୯୬ ଘଣ୍ଟା ପରେ ଉକ୍ତ ଶବ ର କୌଣସି ସମ୍ପର୍କୀୟ ନ ଆସିବାରୁ ସଂଘମିତ୍ରା ଓ ତାଙ୍କର ଗ୍ରୁପ କୁ ଯୋଗା ଯୋଗ କରି ଏ ଏସ ଆଇ ଭଗତ ବେହେରା ବରଗଡ ଖେଦାପାଲି ରେ ସେହି ଶବ କୁ ଦାହ କରିବା ପାଇଁ ସାହାଯ୍ୟ ମାଗିଥିଲେ ।ସଂଘମିତ୍ରା ଗ୍ରୁପ ର ସଦସ୍ୟ ଉମେଶ ଡୁଙ୍ଗୁରି,କରଣ ପଟେଲ, ଦୁଷ୍ମନ୍ତ ନାଏକ,ତରଣୀ ସାହୁ ଓ ନିଜେ ସଂଘମିତ୍ରା ପଟେଲ ଶବ ଦାହ କରି ଥିଲେ ।ଏହି ସମୟରେ ଆଉ ଗୋଟିଏ ଫୋନ୍ କଲ୍ ସଂଘମିତ୍ରା ଙ୍କ ପାଖକୁ ଆସିଥିଲା ।ସୂଚନା ମତେ ବରଗଡ ବରମଚାରି ପାଖ ଚାରି ଥାକିଆ ରାସ୍ତା ରେ ପାରି ହେଉଥିବା ସମୟରେ( ୩୦ ) ବର୍ଷୀୟ ଯୁବକ ସଞ୍ଜୟ ଦାସ ଙ୍କୁ ଏକ ଅଜଣା ଟ୍ରକ ଦୁର୍ଘଟଣା ଘଟାଇ ଚାଲିଯାଇ ଥିଲା ।ଘଟଣା ସ୍ଥଳ ରେ ତାଙ୍କର ଜୀବନ ଚାଲିଯାଇଥିଲା ।ମୃତ ସଞ୍ଜୟ ଦାସ ଦେବେନ୍ଦ୍ର ନାଗ ଙ୍କ ଜଳଖିଆ ଦୋକାନ ରେ ମିସ୍ତ୍ରୀ ଭାବେ କାମ କରି ଆସୁଥିଲେ। ତାଙ୍କର ମଧ୍ୟ କୌଣସି ସମ୍ପର୍କୀୟ ନ ଥିବାରୁ ଦୋକାନ ମାଲିକ ଦେବେନ୍ଦ୍ର ସଂଘମିତ୍ରା ଙ୍କୁ ଯୋଗା ଯୋଗ କରି ଶବ ଦାହ ପାଇଁ ସାହାଯ୍ୟ ମାଗିଥିଲେ। ସଂଘମିତ୍ରା ଓ ତାଙ୍କର ଗ୍ରୁପ ସଙ୍ଗେ ସଙ୍ଗେ କାଠ ଯୋଗାଡ଼ କରି ଦୁଇଟି ଯାକ ଶବ କୁ ଦାହ କରିଥିଲେ ।ସ୍ମଶାନ ବନ୍ଧୁ ସଂଘମିତ୍ରା ଗ୍ରୁପ ର ଏହାକୁ ମିଶାଇ ୨୬ ଟି ଶବ ଦାହ କରିସାରିଲେଣି ।ତେଣୁ ବୁଦ୍ଧିଜୀବୀ ମହଲ ରେ ଏହି ଗ୍ରୁପ କୁ ଭୁରି ଭୁରି ପ୍ରଶଂସା କରୁଛନ୍ତି।

## ସନାତନ ଧର୍ମ ବିରୋଧୀ ମନ୍ତବ୍ୟ ପ୍ରତିବାଦ ରେ ଉପଜିଲ୍ଲାପାଳ ଙ୍କୁ ସ୍ମାରକ ପତ୍ର

ଆଠମଲ୍ଲିକ ୨୫/୩(ନି.ପ୍ର): ଆଠମଲ୍ଲିକ,ଅଖିଳ ଭାରତୀୟ ସାହିତ୍ୟ ପରିଷଦ ନ୍ୟାସ ଆଠମଲ୍ଲିକ ଶାଖା ତରଫରୁ ସନାତନ ଧର୍ମ ର ଆସ୍ଥା ଓ ବିଶ୍ୱାସ ପ୍ରତି ବିରୋଧୀ ମନ୍ତବ୍ୟ ପ୍ରଦାନ କରି ଆକ୍ରମଣ କରୁଥିବା କିଛି ନେତା ଙ୍କ ପ୍ରତିବାଦ ରେ ମହା ମହିମ ରାଷ୍ଟ୍ରପତି ଙ୍କ ଉଦେଶ୍ୟରେ ସ୍ଥାନୀୟ ଉପଜିଲ୍ଲାପାଳ ଙ୍କୁ ସ୍ମାରକ ପତ୍ର ଦିଆ ଯାଇଛି। ସ୍ମାରକ ପତ୍ର ରେ ଲେଖା ଯାଇଥିବା ଦାବୀ ଅନୁଯାଇ ଗତ କିଛି ଦିନ ତଳେ ପ୍ରୟାଗ ରାଜ ରେ ହୋଇଥିବା ମହା କୁମ୍ଭ ସ୍ନାନ ବିରୋଧ ରେ କିଛି ଜାତୀୟ ଦଳ ର ନେତା ଟିପ୍ପଣୀ ଦେଇଥିବାରୁ ସନାତନ ଧର୍ମ ପ୍ରତି ଏହା କୁଠାର ଘାତ ବୋଲି ଲେଖା ଯାଇଛି। ବିରୋଧୀ ଙ୍କ ର ଏଭଳି ଟୀକା ଟିପ୍ପଣୀ କୁ ବନ୍ଦ କରିବାକୁ ଦାବୀ କରାଯାଇଛି । ସ୍ମାରକ ପତ୍ର ଦେବା ସମୟ ରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡିଶା ଆଠମଲ୍ଲିକ ଆବାହକ ଦୁର୍ଗା ପ୍ରସାଦ ଜ୍ୟୋତିଷରାଏ,ଭବାନୀ ଜ୍ୟୋତିଷ ରାଏ, ସୁବୋଧ ଆଚାର୍ଯ୍ୟା, ବିଶ୍ୱଜିତ ଡାଙ୍ଗ, ଇନ୍ଦୁମତୀ ପ୍ରଧାନ,ସୁଶାନ୍ତ ପ୍ରଧାନ ବରଦେବ ବେହେରା, ସୁଶୀଲ ମହାକୁଡ଼,ବିକାଶ ପ୍ରଧାନ, ସଂକୀର୍ତନ ମେଣ୍ଡୁଲି ପ୍ରମୁଖ ଉପସ୍ଥିତ ଥିଲେ।

## କୁଜାଜାନିଗୁଡ଼ା ସେବାଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ତେନ୍ତୁଳୀଖୁଣ୍ଟି **୨୫/୩(ନି.ପ୍ର):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ କୁଜାଜା ନିଗୁଡ଼ା ଆବାସିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବ ରେ ମୁଖ୍ୟ ଅଥିତି ରୂପେ ନବରଙ୍ଗପୁର ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ ସଂମାନନୀୟ ଅଥିତି ଭାବେ ତେନ୍ତୁଳି ଖୁଣ୍ଟି ବ୍ଲକ ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ବ୍ଲକ ଅଧକ୍ଷ ଶ୍ରୀ ମତି ନିଲନ୍ଦ୍ରି ନାୟକ,ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ,ବ୍ରଜବଲ୍ଲ ବ୍ରହ୍ମା, ପୁଜାରୀ ଗୁଡ଼ାସରପଞ୍ଚ ଅନାଦି ମାଝୀ । ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ପାଲୋକା ରବିନ୍ଦ୍ର ମଂଚାସୀନ ରହିଥିଲେ କାର୍ଯ୍ୟକ୍ରମ ଆରମ୍ଭ ରୁ ଅଥିତି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରି ସ୍ୱାଗତ ଭାଷଣ ପ୍ରଧାନ ରମଣୀ ରଂଜନ ଗରଡ଼ା ଓ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁବାଷପୁଜାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଥିତି ମାନେ ବାର୍ଷିକଉତ୍ସାବ କାହଁକି ପାଳନ କରାଯାଉଛି ନିଜ ନିଜ ବାକ୍ତର୍ବ୍ୟ ରେ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ଙ୍କୁ ବିଭିନ୍ନ କ୍ରିଡ଼ା ବାକୃଥରେ ଚୟନ କରି କୃତି ଛାତ୍ର ଛାତ୍ରୀଙ୍କୁ ମାନ ପତ୍ର ଓ ପୁରସ୍କାର ଅଥିତିମାନେ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନେ ସଂସ୍କୃତି କ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ବିଭିନ୍ନ ବିଭାଗ ରେ କୃତି ଛାତ୍ରଛାତ୍ରୀ ଙ୍କୁ ମାନପତ୍ର ଓ ଟ୍ରଫି ଅଥିତି ମାନେ ପ୍ରଦାନ କରିଥିଲେ।

## ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡା **୨୫/୩(ନି.ପ୍ର):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବିରଞ୍ଚିପୁର କ୍ଲଷ୍ଟରର ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତି ଓ ଆମ ଖେଳନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସେଠୀ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୁଲୁ କାଣ୍ଡି, ବିରଞ୍ଚିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ୟୁ ମମତା ପାତ୍ର, ଶିକ୍ଷକ ସଙ୍ଘ ସଭାପତି ମନୋରଞ୍ଜନ ଦାସ, କ୍ଲଷ୍ଟର ସି.ଆର.ସି.ସି. ଦେବଦତ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ଭଲ ପାଠ ପଢ଼ି ଉତ୍ତମ ନାଗରିକ ହୋଇ ସମାଜ ଓ ଦେଶ ପାଇଁ ଦାୟିତ୍ୱ ଏବଂ ଆମ ସଂସ୍କୃତି ଓ ପରମ୍ପରାକୁ ମନେରଖିବା ପାଇଁ ପରାମର୍ଶ ଦେଇଥିଲେ। ଅଭିଭାବକଙ୍କ ଉପସ୍ଥିତରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରିଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ କସ୍ତୁରୀବା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତୁରୁମୁଙ୍ଗା ସେଣ୍ଟ ଜାଭିୟର ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟଣା **୨୫/୩(ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସେଣ୍ଟ ଜାଭିଅର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ପୂର୍ବତନ ପ୍ରଧାନ ଶିକ୍ଷକ ଗୋପୀନାଥ ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱ ବିଦ୍ୟାଳୟ ରୁ ଡ଼କ୍ଟର ପ୍ରକାଶ ଚନ୍ଦ୍ର ପାଲ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ଧରଣୀଧର ଦାସ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ର ସହକାରୀ ଶିକ୍ଷକ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ । ସହକାରୀ ଶିକ୍ଷୟତ୍ରୀ ରଶ୍ମି ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ର ସହକାରୀ ଶିକ୍ଷୟତ୍ରୀ ମାମି ମହାନ୍ତ,ପୁଷ୍ପା ମହାନ୍ତ,ପୂଜା ମିଶ୍ର,ସୁବାଷ ଚନ୍ଦ୍ର ନାୟକ, ସାଦିକ ହୁସେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ।

# ଲଘୁ ଖଣିଜ ଚଢ଼ଉ ପ୍ରହସନ

## ପ୍ରଶାସନର ନାକତଳେ ପ୍ରତିଦିନ ମାଟି ଲୁଟ୍





ବାଲେଶ୍ୱର,**୨୫/୩(ନି.ପ୍ର):** ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବାପରେ ପୁଲିସ ଓ ପ୍ରଶାସନର ହଠାତ୍ ତତ୍ପରତା ଦେଖିବାକୁ ମିଳିଥିଲା। ମାତ୍ର ୩/୪ ଦିନ ପରେ ସବୁକିଛି ଶିଥିଳ ପଡ଼ିଯାଇଛି। ଫଳସ୍ୱରୂପ ଗ୍ରାମାଞ୍ଚଳ ସହ ବାଲେଶ୍ୱର ସଦର ମହକୁମାରେ ମଧ ବେଧଡ଼କ ଲଘୁ ଖଣିଜ ଲୁଟ୍ ଚାଲିଛି। ବାଲେଶ୍ୱର ସହର ଉପକଣ୍ଠରୁ ସହରକୁ ବେଆଇନ ଭାବେ ଦୈନିକ ଶହଶହ ଟ୍ରିପ୍ ମାଟି ଚାଲାଣ ହେଉଛି। ପୁଲିସ ଓ ପ୍ରଶାସନର ନାକତଳେ ଏହି କାରବାର ଚାଲିଛି। ସୂଚନା ଅନୁସାରେ ବାଲେଶ୍ୱର ସହରର ବାଲିଘାଟ ଠାରୁ ମାତ୍ର ୩/୪ କିଲୋମିଟର ଦୂର ବଇଁଚା, ସିନ୍ଧିଆ, ଗୋପୀନାଥପୁର ପଞ୍ଚାୟତ ଏପଟେ ମେଣ୍ଢାଶୋଳ, କରଞ୍ଜିଆ, କୁରୁଡ଼ା, ଦହପଡ଼ା, ପାତ୍ରପଡ଼ା, ରସାଲପୁର, ବର୍ଦ୍ଧନପୁର ଆଦି ବିଭିନ୍ନ ଅଞ୍ଚଳରେ ଥିବା ଗ୍ରାମ୍ୟ ଜଙ୍ଗଲ, ଶ୍ମଶାନ, ଅବ୍ୟବହୃତ ପଡ଼ିଆ ତଥା ସରକାରୀ ଏବଂ ଘରୋଇ ଜମିଗୁଡ଼ିକରୁ ଦିନରାତି ଭୁଲ୍ ନମ୍ବର ଓ ନମ୍ବର ନଥିବା ଜେସିବି ମେସିନ୍ ଓ ଟ୍ରାକ୍ଟର ସହାୟତାରେ ଶହଶହ ଟ୍ରିପ୍ ମାଟି ଉଠାଯାଇ ବାଲେଶ୍ୱର ସହରର ବିଭିନ୍ନ ଅଞ୍ଚଳକୁ ଅଣାଯାଉଛି। ଏଥିସହ ମାଟି ଆଣିବା ବେଳେ ସହର ରାସ୍ତାରେ ଟ୍ରାକ୍ଟରଗୁଡ଼ିକ ବେପରୁଆ ଭାବେ ଚଳାଚଳ କରୁଥିବାରୁ ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ପ୍ରାୟ ୧୦ ଦିନ ପୂର୍ବରୁ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ସଦର ତହସିଲଦାର ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ଟାଉନ ଥାନା ଓ ସଦର ପୁଲିସ ସହଯୋଗରେ ବାଲିଘାଟ ପୋଲ ଉପରେ ବିଳମ୍ବିତ ରାତି ଯାଏଁ ଜଗି ରହିଥିଲେ। ହେଲେ ମାଫିଆମାନେ କୌଣସି ସୂତ୍ରରୁ ଏ ସମ୍ପର୍କରେ ଖବର ପାଇ ସତର୍କ ହୋଇଯିବାରୁ ଅଭିଯାନ ବିଫଳ ହୋଇଥିଲା। ଏନେଇ ଉପଜିଲ୍ଲାପାଳ ଶ୍ରୀ ରାଜସିର୍କେ ପ୍ରତିକ୍ରିୟା ରଖିଥିଲେ, କୌଣସି ପ୍ରକାର ଲଘୁଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ କିମ୍ବା ଚାଲାଣକୁ ପ୍ରଶାସନ ଆଦୌ ବରଦାସ୍ତ କରିବ ନାହିଁ। ଏହି ଚଢ଼ଉ ଲଗାତାର ଜାରି ରହିବ ଏବଂ ମାଫିଆମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାଏକ ମଧ ମାର୍ଚ୍ଚ ୧୦ ତାରିଖରେ ଲଘୁଖଣିଜ ଲୁଟ୍ ଉପରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ଏହା ଉପରେ ପୁଲିସ କଡ଼ା ନଜର ରଖିଥିବା ପ୍ରତିକ୍ରିୟା ରଖିଥିଲେ। ହେଲେ ସହର ଉପକଣ୍ଠରେ ପୁଲିସ ପ୍ରଶାସନର ଏହି କଡ଼ା ଆଭିମୁଖ୍ୟ ମାଫିଆଙ୍କ ଉପରେ ତିଳେମାତ୍ର ପ୍ରଭାବ ପକାଇ ନଥିବା ଜଣାପଡ଼ିଛି। ସାଧାରଣ ଲୋକଟିଏ ଘର କଲେ ଆବଶ୍ୟକ ବାଲି କିମ୍ବା ମାଟି ଆଣିବା ପାଇଁ ରାଜସ୍ୱ ବିଭାଗଠାରୁ ଅନୁମତି ଆଣିବାକୁ ପଡୁଛି ଅନ୍ୟଥା ଜରିମାନା ଗଣୁଛନ୍ତି। ହେଲେ ମାଫିଆମାନେ ପ୍ରଶାସନ ନାକ ତଳେ ବେଆଇନ ଭାବେ ଶହଶହ ଟ୍ରିପ୍ ମାଟି ଓ ବାଲି କିଭଳି ଚୋରା ଚାଲାଣ କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କାଳ ବୈଶାଖୀ ବର୍ଷାରେ ଚାରିଛକ ଦୈନିକ ହାଟ ବେହାଲ

ନିମାପଡା **୨୫/୩(ନି.ପ୍ର):** କାଳ ବୈଶାଖୀ ବର୍ଷା ରେ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ଦୈନିକ ହାଟ ବେହାଲ ହୋଇପଡିଛି।ଏହି ଦୈନିକ ହାଟ ରେ ଶତାଧିକ ବ୍ୟବସାୟୀ ପନିପରିବା ବିକ୍ରି ଲାଗି ଦୋକାନ ଖୋଲିଥାନ୍ତି । ବର୍ଷାରେ ଦୈନିକ ହାଟ ଟି କାଦୁଅ ରେ ପଚ ପଚ ହେଉଥିବା ବେଳେ ପିଣ୍ଡି ଉପରକୁ ବର୍ଷା ପାଣି ଉଠି ପନିପରିବା ସବୁ ନଷ୍ଟ ହୋଇଯାଇଛ।୧୯୯୩ ମସିହାରେ ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ରାଉତ ଙ୍କ ସମୟରେ ଏଠାରେ ୨୫ ଡେସିମିଲ ଜାଗାରେ ଦୈନିକ ହାଟ ର ଶୁଭ ଉଦଘାଟନ ହୋଇଥିଲା।ଏହି ହାଟ ରୁ ବର୍ଷକୁ ପ୍ରାୟ ଲକ୍ଷାଧିକ ଟଙ୍କା ରାଜସ୍ୱ ପଂଚାୟତ ପାଇଥାଏ।ଏହି ଦୈନିକ ହାଟ ର ସମସ୍ୟା ସମ୍ପର୍କରେ ବାରମ୍ବାର ଗଣ ମାଧମ ରେ ପ୍ରକାଶ ପାଇବା ପରେ ନିମାପଡା ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ କନିଷ୍ଠ ଯନ୍ତ୍ରୀ ଙ୍କ ସହିତ ଆସି ଦୈନିକ ହାଟ କୁ ପରିଦର୍ଶନ କରି ଏଷ୍ଟିମେଟ କରି ଶୀଘ୍ର ଦେବାକୁ ସ୍ଥାନୀୟ ସରପଞ୍ଚ ଙ୍କୁ କହିଥିଲେ।ଉକ୍ତ ଦୈନିକ ହାଟ ର ଉନ୍ନତି କରଣ ଲାଗି ୩୦ ଲକ୍ଷ ଟଙ୍କା ଅନୁଦାନ ମଂଜୁର ହୋଇ ବ୍ଲକ ରେ ଦୀର୍ଘ ଦିନ ହେବ ଗଛିତ ରହିଛି।ମାତ୍ର ସ୍ଥାନୀୟ ବିଡ଼ିଓ ଟାଳଟୁଳ ନୀତି ଅବଲମ୍ବନ କରୁ ଥିବାରୁ କାର୍ଯ୍ୟ ହେଉନାହିଁ ବୋଲି ବ୍ୟବସାୟୀ ଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।ଯଦି ତୁରନ୍ତ ଏହି କାର୍ଯ୍ୟ କରା ନ ଯାଏ ତେବେ ବ୍ୟବସାୟୀ ମାନଙ୍କ ପକ୍ଷରୁ ଆନ୍ଦୋଳନ ପନ୍ଥା ଅବଲମ୍ବନ କରାଯିବ ବୋଲି ବ୍ୟବସାୟୀ ମାନେ ସୂଚନା ଦେଇଛନ୍ତି।ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ବାର୍ଷିକ ସାଧାରଣ ପରିଷଦ ଅଧିବେଶନ-୨୦୨୫ ଅନୁଷ୍ଠିତ

ଦଶରଥପୁର **୨୫/୩(ନି.ପ୍ର):** କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦ ମଙ୍ଗଳପୁର ପକ୍ଷରୁ ଆଜି ବାର୍ଷିକ ସାଧାରଣ ପରିଷଦ ଅଧିବେଶନ -୨୦୨୫ ମଙ୍ଗଳପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ଯ୍ୟୋଧନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ଭାବେ ପାଠାଗାର ର ବରିଷ୍ଠ ଉପଦେଷ୍ଟା ଡ଼ ବିଜୟ କିଶୋର ସାମଲ,ନିରଞ୍ଜନ ବିଶ୍ୱାଳ,ରବୀନ୍ଦ୍ର ସାମଲ,ଚନ୍ଦ୍ରମଣି ସାହୁ,କୈଳାଶ ସାମଲ ଯୋଗଦେଇ କଳା, ସାହିତ୍ୟ,ସଂସ୍କୃତିର ପୁନରୁଦ୍ଧାର ତଥା ଅନୁଷ୍ଠାନର ଉନ୍ନତି ଦିଗରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ କାର୍ଯ୍ୟକ୍ରମରେ ପାଠାଗାର ର ଆୟ ବ୍ୟୟ ହିସାବ,ନୂତନ ସଭାପତି ଚୟନ,ଅନୁଷ୍ଠାନର କାର୍ଯ୍ୟ ପନ୍ଥା ଓ ଭବିଷ୍ୟ ପନ୍ଥା ସମ୍ପର୍କରେ ସମସ୍ତ ସଦସ୍ୟ ଓ କାର୍ଯ୍ୟ ନିର୍ବାହୀ ସଭ୍ୟ ବିଭିନ୍ନ ପ୍ରସ୍ତାବକୁ ଗୃହୀତ କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଖରାପ ଯୋଗୁଁ ପାଠାଗାର ସଭାପତି ଦୁର୍ଯ୍ୟୋଧନ ଜେନା ପଦବୀରୁ ଇସ୍ତଫା ଦେଇଥିବାରୁ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ବରିଷ୍ଠ ସଭ୍ୟ ବିଜୟ କୃଷ୍ଣ ନାୟକଙ୍କୁ ସାଧାରଣ ପରିଷଦ ଏକବର୍ଷ ପାଇଁ ସଭାପତି ରୂପେ ମନୋନୀତ କରିଥିଲା। ପାଠାଗାର ସଭାପତି ଦୁର୍ଯ୍ୟୋଧନ ଜେନାଙ୍କୁ କାର୍ଯ୍ୟକ୍ରମ ବିଦାୟିକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସନାତନ ନାୟକ,ଜ୍ଞାନ ରଞ୍ଜନ ତ୍ରିପାଠୀ,ସୁବାସ ବିଶ୍ୱାଳ,ଅକ୍ଷୟ କୁମାର ମଲ୍ଲିକ,ଅନ୍ନଦା ପ୍ରସାଦ ରଣା, କାର୍ତ୍ତିକ ଚନ୍ଦ୍ର ଜେନା,ରଜତ ସାମଲ,ବିପିନ ସେନାପତି,ଗୌତମ ବେହେରା,ଧୀରେନ୍ଦ୍ର ମଲ୍ଲିକ,ଅଭୟ କର,କରୁଣାକର ବିଶ୍ୱାଳ, ସୁକଦ୍ୱେ ବେହେରା, ପ୍ରମୁଖ ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।ପାଠାଗାର ର ସମ୍ପାଦକ ଶ୍ରୀ ସସିକାନ୍ତ ନାୟକ ଅଧିବେଶନ ପରିଚାଳନା କରିଥିଲେ।

## ବଣପଲ୍ଲୀ ୟୁ.ପି. ସ୍କୁଲର ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା

ବୁଗୁଡା **୨୫/୩(ନି.ପ୍ର):** ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବଣପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତି ଓ ଆମ ଖେଳନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାପୁଜୀ ପରିଡା ଅଧକ୍ଷତା କରଥିଲେ। ଏ. କରଡାବାଡି ଗ୍ରାମ ପଞ୍ଚାୟତର ସରପଞ୍ଚ ରିଙ୍କି ଦାସ ମୁଖ୍ୟ ଅତିଥି, ସିଆରସିସି ସନ୍ତୋଷ କୁମାର ଡାକୁଆ, ନରସିଂହ ପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଳିୟ ସାମଲ, ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଘଡ଼େଇ, ଘୋଡାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଜେନା, ନାଏବ ସରପଞ୍ଚ ରବିନ୍ଦ୍ର ଗୌଡ, ଏସଏମସି ସଭାପତି ଦିବାକର ଗୌଡ, ପିତବାସ ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ବୃନ୍ଦ ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢ଼ିବା ସହିତ ସଂସ୍କୃତି ଓ ପରମ୍ପରା ସଂପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ ବୃନ୍ଦ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ର ସହକାରୀ ଶିକ୍ଷକ ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣଦୀପ ପତ୍ରିକା ର ବାର୍ଷିକ ଉତ୍ସବରେ ପ୍ରତିଭା ସମ୍ବର୍ଦ୍ଧିତ



ବରଗଡ଼ **୨୫/୩(ନି.ପ୍ର):** ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଯୁଗୋପଯୋଗୀ ସୁବର୍ଣ୍ଣଦୀପ ଶିଶୁ କିଶୋର ପତ୍ରିକାର ୩୦ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୀମ ସାର,ବୁର୍ଲା ର ବିଶିଷ୍ଟ ଡାକ୍ତର ଶଙ୍କର ରାମଚନ୍ଦାନୀ,ମୁଖ୍ୟବକ୍ତା ଭାବେ ଏଡଭୋ କେଟ କିରଣ ମିଶ୍ର,ସମ୍ମାନନୀୟ ଅତିଥି ଭାବେ ମନୋରଞ୍ଜନ ମେହେର,ଯଶବୀର ସିଂ ସୈନି ଓ ସ୍କୁଲର ପ୍ରଧାନ ଶିକ୍ଷକ କିଶୋର ସାହୁ ଯୋଗ ଦେଇ ସୁବର୍ଣ୍ଣଦୀପ ପତ୍ରିକା ର ୩୦ ବର୍ଷ ର ନିୟମିତ ପ୍ରକାଶନ ତଥା ପ୍ରତିଭା ସୃଷ୍ଟି କରିବା ଭୂମିକା କୁ ନେଇ ଭୂୟସୀ ପ୍ରସଂଶା କରିଥିଲେ।ଏହି ଅବସରରେ ଚିକିତ୍ସା କ୍ଷେତ୍ରରେ ନିସ୍ୱାର୍ଥପର ସେବା ପାଇଁ ଡ଼ା ଶଙ୍କର ରାମଚନ୍ଦାନୀ ଙ୍କୁ ସେବା ସମ୍ମାନ, କଳିକତାର ସୁଧାଂଶୁ ଶେଖର ଦ୍ୱିବେଦୀ, ଭୁବନେଶ୍ୱର ର ପ୍ରଭାତ ନଳିନୀ ସାହୁ ଙ୍କୁ ସାରସ୍ୱତ ସମ୍ମାନ, ରାଧାରାଣୀ ପଟ୍ଟନାୟକ ଙ୍କୁ ସୁବର୍ଣ୍ଣଦୀପ ପ୍ରକାଶନୀ ସମ୍ମାନ, ଅଧାପକ ନବକୃଷ୍ଣ ମିଶ୍ରଙ୍କୁ ପ୍ରତିଭା ସମ୍ମାନ,ରାଜେଶ ପାତ୍ର ଙ୍କୁ ସମାଜସେବୀ ସମ୍ମାନ ରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବା ସହ ଭାଗ୍ୟଶ୍ରୀ ମାନବୀ ମିଶ୍ର ଓ ଅମରେଶ ବାରିକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।ଉକ୍ତ ସଭାରେ ପତ୍ରିକାର ଉପଦେଷ୍ଟା ସର୍ଦ୍ଦାର ପ୍ରୀତମ ସିଂ ସଭାପତିତ୍ୱ କରିଥିବାବେଳେ ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ ପ୍ରଦୀପ୍ତ ଭାନୁ ମହାନ୍ତି କରିଥିଲେ।ଏହି ସଭାରେ ସୁବର୍ଣ୍ଣଦୀପର ୩୦ତମ ବାର୍ଷିକ ସଂଖ୍ୟା ସହ ସୁଧାଂଶୁ ଶେଖର ଦ୍ୱିବେଦୀ ଙ୍କ ରଚିତ କଳିଯୁଗ ଶ୍ରେଷ୍ଠ ଓ ବାନର ହେଲେ ବିଶ୍ୱକର୍ମା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।ଉକ୍ତ ସଭାରେ କାବ୍ୟା ତ୍ରିପାଠୀ ଙ୍କ ଗୀଟାର ବାଦନ ସହ ବାପୁଜୀ ବିଦ୍ୟାଳୟ ଛାତ୍ରୀଗଣ ସ୍ୱାଗତ ସଂଗୀତ ଗାନ କରିଥିଲେ ଏବଂ ସାନ ଡାନ୍ସ ଏକାଡେମୀ ର ଛାତ୍ରଛାତ୍ରୀ ଓ ଅଭିମନ୍ୟୁ ଦୁବେ ନୃତ୍ୟ ପରିବେଷଣ କରିଥିଲେ।ସଞ୍ଚିତା ପାତ୍ର,ଶ୍ରୀଶାନ୍ତ ପଣ୍ଡା, ସାଇଶ୍ରୀ ପ୍ରିୟଦର୍ଶିନୀ,ନିଖିଳେଶ ମିଶ୍ର, ଅର୍ପିତ ରଥ ଓ ଅଂଶିକା ନାଗ ଙ୍କୁ ମଧ ପୁରସ୍କୃତ କରା ଯାଇଥିଲା।ଏହି ସଭାରେ ଶାଗରୀକା ପାଣିଗ୍ରାହୀ,କବିତା ଦେବତା, ଡ଼ ତପସ୍ୱିନୀ ଗୁରୁ,ମିନତୀ ଦାଶ,ଭୂମି ସୁତା ସାହୁ, ତପସ୍ୱିନୀ ମହାପାତ୍ର, ନୁରାବତୀ ସାହୁ,ସନ୍ତୋଷିନୀ ଦାଶ ମାନପତ୍ର ପଠନ କରିଥିବାବେଳେ ବାସନ୍ତି ଗୁରୁ,ଦୟାନିଧି ମହାପାତ୍ର, ସୁଶୀଳା ପଶାୟତ ପ୍ରମୁଖ ସହଯୋଗ କରିଥିଲେ।ପରିଶେଷରେ ଦୁଃଖୀସେବକ ସାହୁ ଧନ୍ୟବାଦ ଜ୍ଞାପନ କରି ଥିଲେ।ଏହା ପରେ କବିତା ପାଠୋତ୍ସବ ହୋଇଥଲା।ଏହି କାର୍ଯ୍ୟକ୍ରମ କୁ ସଂଚାଳନ କରିଥିଲେ ଦୁଃଖୀସେବକ ସାହୁ ଓ ଡ଼ ତପସ୍ୱିନୀ ଗୁରୁ।

## ପରିଭ୍ରମଣ ଶ୍ରମ, ବିଷାଦ ମୁକ୍ତି ଓ ଜ୍ଞାନ ଆହରଣ ର ଅନ୍ୟ ଏକ ମାଧ୍ୟମ

ଆଠମଲ୍ଲିକ **୨୫/୩(ନି.ପ୍ର):** ପରିଭ୍ରମଣ ଶ୍ରମ ଓ ବିଷାଦ ମୁକ୍ତି ର ଅନ୍ୟ ଏକ ମାଧ୍ୟମ। ଅନି ସନ୍ଧିତ୍ସୁ ମଣିଷ ର ମନ ବେଳେ ବେଳେ ସୃଷ୍ଟି ର ନାନା କଥା ଜାଣିବାକୁ ଉପଲବ୍ଧି କରିବାକୁ ଆଗ୍ରହୀ ହୋଇଉଠେ। ବହିରୁ ପଢି ଜାଣିବା ଆପେକ୍ଷା ବାସ୍ତବ କ୍ଷେତ୍ର ରେ ଦେଖି ବାସ୍ତବ ଜ୍ଞାନ ଆହରଣ କରିବା ସହିତ କର୍ମକ୍ଳାନ୍ତ ଜୀବନକୁ କିଛିକ୍ଷଣ ପାଇଁ ସରସ ସୁନ୍ଦର କରିବାପାଇଁ ଭ୍ରମଣ ର ସହାୟତା ଲୋଡ଼େ। ଏହିପରିପେକ୍ଷିରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ରେ ଆଠମଲ୍ଲିକ ର ଛାତ୍ର ଛାତ୍ରୀ ମାନେ ପୋଡ଼ସୀ ବୌଦ୍ଧ ଜିଲ୍ଲା କୁ ଯାଇ ସରକାରୀ ଆଇ ଟି ଆଇ କଲେଜ, ଜିଲ୍ଲା ସଂଗ୍ରହାଳୟ, ପଲ୍ଲିଟେକନିକ କଲେଜ ପ୍ରଭୃତି ପରିଦର୍ଶନ କରି ଜ୍ଞାନ ଅହରଣ କରିଛନ୍ତି। ଆଠମଲ୍ଲିକ ବ୍ଲକ ର ୧୮୭ ଟି ସ୍କୁଲ ର ୩୭୪ ଛାତ୍ରଛାତ୍ରୀ ୮ଟି ବସ୍ ରେ ପଡୋଶୀ ବୌଦ୍ଧ ଜିଲ୍ଲା କୁ ପରିଭ୍ରମଣରେ ଯାଇ ଥିଲେ। ଆଇ ଟି ଆଇ କଲେଜ ଅଧକ୍ଷ ସୁବୋଧ କୁମାର ପାଣିଗ୍ରାହୀ, ଆଡ଼ମିନଷ୍ଟ୍ରେଟର ସୁଦାମ ଗଡତିଆ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ପରିଦର୍ଶନ ରେ ସାହାଯଗ କରିଥିଲେ। ଏବିଇଓ କୈବଲ୍ୟ କଅଁର, ଧାରଣୀଧର ସେଠୀ, ତିଳତମା ସାହୁ, ୧୭ଜଣ ସି ଆର ସି ସି, ଏବଂ ୩୨ ଜଣ ଗାଡ଼ଇ ଶିକ୍ଷକ ଛାତ୍ରଛାତ୍ରୀ ଙ୍କୁ ବୌଦ୍ଧ ନେବାରେ ସାହାଜୋଗ କରିଥିଲେ,ବିଇଓ ସୁନୀଲ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଦନ୍ତୀ ମହୋତ୍ସବ ପାଇଁ ଚଳଚଂଚଳ ସିନାପାଲି



ସିନାପାଲି **୨୫/୩(ନି.ପ୍ର):** ସିନାପାଲି ଅଂଚଳର କଳା,ସାହିତ୍ୟ, ସଂସ୍କୃତିର ମହାମିଳନର ପର୍ବ ଉଦନ୍ତୀ ମହୋତ୍ସବ ଆସନ୍ତା ୨୮ ରୁ ୩୦ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ବେଳେ ଏନେଇ ସାରା ଅଂଚଳ ଚଳଚଂଚଳ ହୋଇ ପଡ଼ିଛି । ଉତ୍ସବକୁ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ଚଳିତ ବର୍ଷ ଉତ୍ସବ କମିଟିର ସଭାପତି ବୈଷ୍ଣବ ମେହେର, ଉପସଭାପତି ଅଜିତ ଯୋଷୀ, ତ୍ରିନାଥ ମେହେର, ରଜନୀ ମାଝୀ, ସଂପାଦକ ପ୍ରିୟ ରଂଜନ ମେହେର, ସହସଂପାଦକ ବଂଶୀଧର ଜଗତ, ସୂରଜ ମେହେର, ମନୋରଂଜନ ମେହେର ଓ କୋଷାଧ୍ୟକ୍ଷ ଦିବ୍ୟରଂଜନ ନାଏକ ରହିଛନ୍ତି । ଏ ଅବସରରେ କଳାହାଣ୍ଡି, ବଲାଙ୍ଗିର, ବରଗଡ଼, ରାୟଗଡ଼ା, ନୂଆପଡ଼ା, ଖୋର୍ଦ୍ଧା ଆଦି ଜିଲ୍ଲାର ଲୋକକଳା ମଧ୍ୟରେ ତ୍ରିଭଙ୍ଗି, ବଜାଶାଳ, ଘୁମୁରା, ରାମକାଠି, ମହୁରୀ ବଜା, ଓଡ଼ିଶୀ, ଆଦିବାସୀ ଆଦି ପରିବେଷଣ ହେବ । ଶେଷ ସଂଧ୍ୟାରେ ପ୍ରସିଦ୍ଧ ଷ୍ଟାର ଗାୟିକା ପ୍ରାଚୀ ପାଣିଗ୍ରାହୀ, ପଙ୍କଜ ଜାଲ, ଅମର ଦାସ, ଆଶିଷ କୁମ୍ଭାର, ଚୁମକୀ ପାଢ଼ୀ ଓ ଛିଛି ଛିରେ ନନୀର କଳାକାର ବିଭୁତି ଭୂଷଣ ବିଶ୍ୱାଳ ନିଜ କଳା ପ୍ରଦର୍ଶନ କରିବେ । ମହୋତ୍ସବରେ ସାମିଲ ହେବାକୁ ମଂତ୍ରୀ ପ?ଥ୍ୱୀରାଜ ହରିଚନ୍ଦନ, ରବିନାରାୟଣ ନାଏକ, କ?ଷ୍ଣଚଂଦ୍ର ପାତ୍ର, ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ପୂର୍ବ ସାଂସଦ ବସନ୍ତ ପଣ୍ଡା, ଜିଲ୍ଲାପାଳ ମଧୁସୂଦନ ଦାସ, ଏସପି ଗୁଣ୍ଡାଲା ରାଘବେଂଦ୍ର ରେଡ୍ଡୀ ପ୍ରମୁଖ ଯୋଗ ଦେବାର ଅଛି । ଏଥିସହ ମହିଳା, ପୁରୁଷ, ଛାତ୍ରଛାତ୍ରୀ ଆଦିଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ସହ କବିତା ଆସର, ଆଲୋଚନା ଚକ୍ର ଆଦି ଥିବା ବେଳେ ମଶାଲ ଶୋଭାଯାତ୍ରା ମୁଖ୍ୟଆକର୍ଷଣ ରହିବ । ଏ ଅବସରରେ ଅଂଚଳର କଳା ଓ ସଂସ୍କୃତି ଆଧାରିତ ସ୍ମରଣିକା ' ଉଦନ୍ତିକା' ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

# ଶିଶୁ ବାଟିକା ରେ ନାମ ଲେଖା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନ



କୋଷାଗୁମୁଡା **୨୫/୩(ନି.ପ୍ର):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କୋଡ଼ିଙ୍ଗା ଓ କୋଷାଗୁମୁଡା ପଞ୍ଚାୟତ ର ବିଭିନ୍ନ ଗ୍ରାମ ରେ ଶିକ୍ଷା ବିଭାଗ ତରଫରୁ ନୂତନ ଶିକ୍ଷାନୀତି ଅନୁଯାଇ ୬ ବର୍ଷ ପିଲାଙ୍କୁ ଶିଶୁ ବାଟିକାରେ ନାମ ଲେଖାଇବା ପାଇଁ ଅଭିଭାବକ ମାନଙ୍କୁ ସଚେତନ କରାଯାଇଛି। ବଜରଗଡ଼ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ସୁପ୍ରିୟା ନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝୀ ଓ ସମ୍ମାନିତ ଅତିଥି ଭାବେ ବ୍ଲକଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ,ଏବିଇଓ ଦିଗାମ୍ବର ହରିଜନ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ ଯୋଗ ଦେଇଥିଲେ। ସେହିପରି କୋଡ଼ିଙ୍ଗା ସରକାରୀ ଉର୍ଣ୍ଣତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପି. ସନ୍ତୋଷ କୁମାରଙ୍କ ଶହ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଅଭିଭାବକ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବାଣ୍ଟି ଥିଲେ। ନୂତନ ଶିକ୍ଷାନୀତି ଅନୁଯାଇ ୨୦୨୫/୨୬ ନିମନ୍ତେ ଆଗାମୀ ଏପ୍ରିଲ ୨ ତାରିଖରେ ବିଦ୍ୟାଳୟ ମାନଙ୍କରେ ୬ ବର୍ଷ ର ପିଲାଙ୍କ ନାମଲେଖା ଓ ଖଡ଼ି ଛୁଆଁ ପର୍ବ ଅନୁଷ୍ଠିତ ହେବ । ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଅଭିନବ ଯୋଜନା ଆରମ୍ଭ କରିଥିବା ବେଳେ ପିଲାଙ୍କୁ ଉତ୍ତମ ଓ ସଂଗଠିତ କରିବା ଏହାର ମୂଳ ଲକ୍ଷ୍ୟ ରହିଛି। ଉକ୍ତ ଖଡ଼ି ଛୁଆଁ ଦିନ ପିଲାଙ୍କ ନାମ ଲେଖାକୁ ସ୍ମରଣୀୟ କରାଯିବା ସହ ଆକର୍ଷଣୀୟ ଓ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝୀ, ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବିଇଓ ସୁପ୍ରିୟା ନାୟକ, ସିଆରସିସି ବିଧାନ ରାଉତ, ବାବୁଲାଲ ବାରିକ,ସଞ୍ଜୟ ପରିଡା, ପି. ସନ୍ତୋଷ କୁମାର, ଦୁଷ୍ମନ୍ତସାହୁ, ଅନୁ ଚରଣ ଦାସ, ଗଙ୍ଗାଧର ଜେନା, ପ୍ରମୋଦ ପଟନାୟକ ଘର ଘର ବୁଲି ଅଭିଭାବକ ମାନଙ୍କୁ ପିଲାଙ୍କୁ ବିଦ୍ୟାଳୟ ରେ ନାମ ଲେଖାଇବା ପାଇଁ ଉତ୍ସାହିତ କରିବା ସହ ମୁଖ୍ୟମନ୍ତ୍ରୀ ଙ୍କ ନିମନ୍ତ୍ରଣ ପତ୍ର ବାଣ୍ଟି ଥିଲେ। ଅନ୍ୟ ମାନଙ୍କ ମଧରେ ଏବିଇଓ ଦିଗାମ୍ବର ହରିଜନ , ଦିଲୀପ ଖଟୁଆ, ଶୁଭେନ୍ଦୁ ଦାସ ସହ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।ସେହିପରି ବ୍ଲକ ର ୨୬ ଗୋଟି ପଞ୍ଚାୟତ ର ବିଭିନ୍ନ ଗ୍ରାମ ରେ ୬ ବର୍ଷ ର ପିଲାଙ୍କୁ ଶିଶୁ ବାଟିକା ରେ ନାମ ଲେଖାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଥିଲା।

## ବସ୍ତା ଭିତରେ ମୃତ୍ୟୁ ଜନ୍ତୁର ଶବ

### ସ୍ଥାନୀୟ ଲୋକଙ୍କ ମନରେ ଭୟ

ନିମାପଡା **୨୫/୩(ନି.ପ୍ର):** ଗୋପ ଥାନା ଅନ୍ତର୍ଗତ ବିରୁତୁଙ୍ଗ ପଞ୍ଚାୟତ ଗଡ଼ କରମଳା ଠାରେ ଥିବା କାଦୁଅ ନଦୀର ଷଣ୍ଢ ମରା ସେତୁ ତଳେ ଏକ ବସ୍ତା ଭିତରେ ମଲା ଲୋକର ଶରୀର ଭର୍ତ୍ତି କରି ପଡିଥିବାର ସ୍ଥାନୀୟ ଲୋକମାନେ ଦେଖି ସନ୍ଦେହ ସୃଷ୍ଟି ହୋଇଥଲା।ଏହି ଜରି ବସ୍ତା ରେ କୌଣସି ଲୋକକୁ ମାରି କେଉଁ ଦୁର୍ବୃତ୍ତ ଏହି କାଦୁଅ ନଦୀ ଷଣ୍ଢ ମରା ସେତୁ ତଳେ ପକାଇ ଦେଇ ଥିବାର ସନ୍ଦେହ ଆସିଥିଲା । ଏହି ବସ୍ତା ଭିତରେ ଓ ବାହାରେ ରକ୍ତ ଛିଟା ପଡିଥିବା ର ଦେଖିବାକୁ ମିଳିଥିଲା ।ଏହି ଖବର ଶୁଣି ସ୍ଥାନୀୟ ଅଞ୍ଚଳରୁ ୫ ଶହରୁ ଉର୍ଦ୍ଧ୍ୱ ଲୋକ ଘଟଣା ସ୍ଥଳରେ ପହଞ୍ଚି ଦେଖିବା ପାଇଁ ରୁଣ୍ଡ ହୋଇଥିଲେ । ପରେ ସ୍ଥାନୀୟ ଲୋକମାନେ ଗୋପ ଥାନା କୁ ଖବର ଦେଇଥିଲେ । ଏହି ଖବର ପାଇ ନୟାହାଟ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ ।ପରେ ତଦନ୍ତ କରି ସ୍ଥାନୀୟ ଲୋକଙ୍କୁ ବସ୍ତା ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ । ସ୍ଥାନୀୟ ଲୋକ ବସ୍ତା କୁ କାଟି କାଢି ଖୋଲି ଦେଖିଲା ବେଳକୁ ବସ୍ତା ଭିତରେ ଏକ ମଲା ବାରାହା କୁ କେହି ମାରି ବସ୍ତା ରେ ଭର୍ତ୍ତି କରି କାଦୁଅ ନଦୀ ଷଣ୍ଢ ମରା ସେତୁ ତଳକୁ ଫିଙ୍ଗି ଦେଇଥିବା ଜଣା ପଡିଥିଲା । ଏହି ମଲା ବାରାକୁ ଦେଖିବା ପରେ ସ୍ଥାନୀୟ ଲୋକମାନଙ୍କ ମଧରେ ସନ୍ଦେହ ଦୂର ହୋଇଥିଲା।

## ଡ଼ା.ଦେବେନ୍ଦ୍ର ପ୍ରଧନଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଲେ ସତ୍ୟବାଦୀ ବିଧାୟକ



କଣାସ **୨୫/୩(ନି.ପ୍ର):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ପରିସର ସ୍ଥିତ କୃଷି ଶିକ୍ଷା ସଦନରେ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆଜି ଓଡ଼ିଶା ପ୍ରଦେଶ ବିଜେପିର ପୂର୍ବତନ ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସତ୍ୟବାଦୀର ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ସ୍ୱର୍ଗତ ଡ଼ା. ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ମୃତି ଚାରଣ କରିଥିଲେ ।ବିଧାୟକ ଶ୍ରୀ ମିଶ୍ର କହିଥିଲେ ତାଙ୍କର ସରଳତା, ପରହିତ ପ୍ରବୃତ୍ତି ଏବଂ ଜନସେବା ଓ ନିଷ୍ଠା ଆମ ସମସ୍ତଙ୍କ ପାଇଁ ଏକ ପ୍ରେରଣାର ସ୍ରୋତ। ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସାମାଜିକ ପରିଚିତ ,ରାଜନୈତିକ ପାରଦର୍ଶିତା,ସମାଜସେବାର ପରାକାଷ୍ଠା ଏବଂ ଓଡ଼ିଶା ପ୍ରଦେଶ ତଥା ଭାରତବର୍ଷର ବିକାଶ ଓ ପ୍ରଗତି ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଆମ ସମଗ୍ର ଭାରତବର୍ଷ ଆଜି ମନେ ପକାଉଛି।ସେହି ମହାନ୍ ପୂଣ୍ୟାତ୍ମାଙ୍କୁ ମହାପ୍ରଭୁ ନିଜ ଶ୍ରୀ ଚରଣରେ ସ୍ଥାନ ଦିଅନ୍ତୁ ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରାର୍ଥନା କରିଥିଲେ ।

# ଓଡ଼ିଶାରେ ବଢୁଛି ଚୋରା ବନ୍ଧୁକ ବେପାର

ଭୁବନେଶ୍ୱର, ୨୫/୩: କଟକ ବୟାଳିଶ ମୌଜାରୁ ବନ୍ଧୁକ କାରଖାନା ଠାବ ଘଟଣାର ତନାଘନା ପରେ ସାମ୍ନାକୁ ଆସିଛି ବହୁ ରୋଚକ ତଥ୍ୟ। ରାଜ୍ୟରେ ଠାବ ହୋଇଥିବା ଚୋରା ବନ୍ଧୁକ ନିର୍ମାଣରେ ବିହାରୀ କାରିଗରଙ୍କ ସମ୍ପୃକ୍ତି ଥିବାବେଳେ ଓଡ଼ିଆ ବନ୍ଧୁକ ବେପାରୀ ଏହାକୁ ବିକ୍ରି କରିଛନ୍ତି। ଓଡ଼ିଶାର ଅସାମାଜିକ ବ୍ୟକ୍ତିମାନେ ବିହାରୀ କାରିଗରଙ୍କୁ ଆଣି ଏଠାରେ ବନ୍ଧୁକ ନିର୍ମାଣ କାମରେ ନିୟୋଜିତ କରୁଛନ୍ତି। ପ୍ରତି କାରଖାନାରେ ଦୈନିକ ହାରାହାରି ୩ରୁ ୪ଟି ବନ୍ଧୁକ ନିର୍ମାଣ କରାଯାଉଛି ଏବଂ ପ୍ରସ୍ତୁତ ବନ୍ଧୁକଗୁଡ଼ିକୁ ପଶ୍ଚିମବଙ୍ଗ ମାଲଦାର ମାଫିଆଙ୍କ ଜରିଆରେ ଚୋରା ବନ୍ଧୁକଗୁଡିକ ଝାଡଖଣ୍ଡ, ଛତିଶଗଡ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ହରିୟାଣା, ପଞ୍ଜାବ ଇତ୍ୟାଦି ରାଜ୍ୟକୁ ଚାଲାଣ ହେଉଛି। କଟକରୁ ବନ୍ଧୁକ କାରଖାନା ଜବତ ଘଟଣାରେ ଦୁଇ ବିହାର ବନ୍ଧୁକ କାରିଗର ଅବିଦ୍ ହୁସେନ୍, ସାମ୍ସେର ଆଲାମ୍ ଓରଫ କାଲୁର ସମ୍ପୃକ୍ତି ରହିଥିଲା। ସେମାନଙ୍କୁ ମାଷ୍ଟରମାଇଣ୍ଡ୍ ତଥା ଚାଲାଣକାରୀ ଚଗଲା ଖୁଣ୍ଟିଆ ଓଡ଼ିଶାରେ ବନ୍ଧୁକ କାରଖାନାରେ ନିଯୁକ୍ତି ଦେଇଥିଲା। ଘର ମାଲିକ ଶରତ ଯାଦବଙ୍କ ଗୁହାଳ ଘରେ ବନ୍ଧୁକ ନିର୍ମାଣ କରାଯାଉଥିଲା। କେବଳ କଟକ ନୁହେଁ,

## ବିହାରୀ କାରିଗର; ଓଡ଼ିଆ ବେପାରୀ

ନିକଟ ଅତୀତରେ ନୟାଗଡ଼, ପୁରୀ, ଖୋର୍ଦ୍ଧା, ବାରିପଦା, ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲା, କଳାହାଣ୍ଡି, ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବନ୍ଧୁକ କାରଖାନା ଠାବ ହୋଇଛି। ଓଡ଼ିଶା ପୁଲିସର ତଥ୍ୟ ଅନୁଯାୟୀ ୨୦୨୨ ମସିହାରେ ୯୩ଟି ବନ୍ଧୁକ ୨୧୬ ଗୁଳି ଜବତ ହୋଇଥିଲା। ୨୦୨୧ରେ ୩୪୮ ବନ୍ଧୁକ ଓ ୫୩୨ଟି ଗୁଳି, ୨୦୨୦ ୨୦ଟି ବନ୍ଧୁକ ୭ ଗୁଳି, ୨୦୧୯ରେ ୧୧୦ ବନ୍ଧୁକ ଓ ୧୨୧ ଗୁଳି, ୨୦୧୮ରେ ୩୫୭ ବନ୍ଧୁକ ଓ ୫୩୯ ଗୁଳି ଜବତ ହୋଇଛି। ଏହି ୫ବର୍ଷରେ ଓଡ଼ିଶାରେ ମୋଟ ୯୨୮ଟି ଚୋରା ବନ୍ଧୁକ ଓ ୧୪୧୫ଟି ଗୁଳି ଜବତ କରାଯାଇଛି। ମାତ୍ର ଗତ ଦୁଇବର୍ଷରେ ୧ହଜାରରୁ ଅଧିକ ବନ୍ଧୁକ ଜବତ ହୋଇଛି। ସେହିପରି ବିହାରରେ ବ୍ୟବସାୟୀମାନେ ରାଇଫଲ୍(ମାସ୍କେଟ୍), ରିଭଲଭର, ପିସ୍ତଲ, ମାଉଜର ଏବଂ କାର୍ବାଇନ୍ ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ତିଆରି କରୁଛନ୍ତି। ଏହି କାରବାରରେ ସବୁବର୍ଗର ବ୍ୟକ୍ତିବିଶେଷମାନେ ସାମିଲ ହୋଇଛନ୍ତି। ସେମାନେ ପ୍ରସ୍ତୁତ କରୁଥିବା ବନ୍ଧୁକରେ ମେଡ୍ ଇନ୍ ଇଂଲଣ୍ଡ, ମେଡ୍ ଇନ୍ ଚାଇନା, ମେଡ୍ ଇନ୍ ଆମେରିକା, ମେଡ ଇନ୍ ଜାପାନ, ମେଡ୍ ଇନ୍ ଜର୍ମାନ ଇତ୍ୟାଦି ଲେଖି ବଜାରକୁ ଛାଡୁଛନ୍ତି। କଟ୍ଟା ଭାବରେ ପରିଚିତ ସିଙ୍ଗଲ୍-ସଟ୍ ପିସ୍ତଲ ୨ ହଜାର ଟଙ୍କାରେ ବିକ୍ରି ହେଉଛି। ଶସ୍ତା ହୋଇଥିବାରୁ ଛୋଟ ଅପରାଧୀଙ୍କ ମଧ୍ୟରେ ଏହାର ଚାହିଦା ଅଧିକ। ସେହିପରି ସେମି-ଅଟୋମେଟିକ୍ ପିସ୍ତଲର ୧୫ ହଜାରରୁ ୨୦ ହଜାର ଟଙ୍କା ରେ ଓ କାର୍ବାଇନ୍ ଏକ ଲକ୍ଷ ଟଙ୍କାରେ ବିକ୍ରି ହେଉଛି। ଦେଢ଼ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ କଲେ ଏକେ-୪୭ ରାଇଫଲ ବି ମିଳିଯାଉଛି।ବିହାରର ମୁଙ୍ଗେରରେ ଏବେ ୫ରୁ୬ଟି ସ୍ୱୀକୃତିପ୍ରାପ୍ତ ବନ୍ଧୁକ କାରଖାନା କାମ କରୁଛି। ଏହି କାରଖାନାରେ କେବଳ ସିଙ୍ଗଲ୍ ଓ ଡବଲ ବ୍ୟାରେଲ୍ ବନ୍ଧୁକ ପ୍ରସ୍ତୁତ ହେଉଛି। କିନ୍ତୁ ଗଲା ୪/୫ବର୍ଷ ଭିତରେ କେବଳ ମୁଙ୍ଗେର ଜିଲ୍ଲାରେ ପ୍ରାୟ ୯୫ଟି ବେଆଇନ ବନ୍ଧୁକ କାରଖାନା ଠାବ ହୋଇସାରିଲାଣି। ଏହି କାରଖାନାରେ ରିଭଲଭରଠୁ କାର୍ବାଇନ୍ ଯାଏ ଅତ୍ୟାଧୁନକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରାଯାଉଛି। ପୂର୍ବରୁ ମୁଙ୍ଗେରର ୧୩ଟି ଗାଁରେ ଚୋରା ବନ୍ଧୁକ ପ୍ରସ୍ତୁତି କାରବାର ଚାଲିଥିଲା। ବଙ୍ଗଳାର ନବାବ ମୀର କାସିମ୍ ବିହାରର ମୁଙ୍ଗେର ଜିଲ୍ଲାରେ ପ୍ରଥମ ବନ୍ଧୁକ କାରଖାନା ଖୋଲିଥିଲା। ପରେ ଏହି କାରବାରରେ ବିହାରର ଆଉ ୮ଟି ଜିଲ୍ଲା



ଯୋଡ଼ି ହେଲାଣି। ମୁଙ୍ଗେର ଜିଲ୍ଲା ଦେଇ ଗଙ୍ଗା ନଦୀ ପ୍ରବାହିତ ହେଉଥିବା ବେଳେ ଗଙ୍ଗା ନଦୀ କୂଳରେ ଚୋରା ବନ୍ଧୁକ କାରଖାନା ଖୋଲିଛି। ପୁଲିସ ନଦୀ ପାର ହୋଇ କାରଖାନାରେ ପହଞ୍ଚିବା ପୂର୍ବରୁ ବାଲିରେ ବନ୍ଧୁକକୁ ଲୁଚାଇ ଦିଆଯାଏ। କିନ୍ତୁ ବିହାରରେ ଚଢ଼ଉ ପରେ ଏବେ ବିହାରୀ ମାଫିଆ ଓଡ଼ିଶାରେ ନିଜ କାରଖାନା ଖୋଲିବା ଉପରେ ଅଧିକ ଯତ୍ନଶୀଳ ହୋଇଛନ୍ତି ।

## ଏପ୍ରିଲରୁ କେନ୍ଦୁଝର କ୍ୟାନ୍ସର ହସ୍ପିଟାଲରେ ରୋଗୀ ସେବା



କେନ୍ଦୁଝର, ୨୫/୩: କେନ୍ଦୁଝରରେ ବହୁଦିନ ଧରି ନିର୍ମାଣ ଚାଲିଥିବା କ୍ୟାନସର ହସ୍ପିଟାଲ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ମାସରୁ ଏହା କାର୍ଯ୍ୟକ୍ଷମ ହୋଇ ରୋଗୀ ସେବା ଆରମ୍ଭ କରିବ ବୋଲି ଜଣାପଡ଼ିଛି। ଏହି ହସ୍ପିଟାଲ ଦ୍ୱାରା କେନ୍ଦୁଝର ସମେତ ପଡ଼ୋଶୀ ଜିଲ୍ଲାର ଲୋକେ ଉପକୃତ ହେବେ। କେନ୍ଦୁଝର ଓ ପଡ଼ୋଶୀ ଜିଲ୍ଲାଗୁଡ଼ିକର କ୍ୟାନ୍ସର ରୋଗୀଙ୍କୁ ଆଖି ଆଗରେ ରଖି ସେମାନଙ୍କୁ ଅତ୍ୟାଧୁନିକ କେମୋ ଥେରାପି ଚିକିତ୍ସା ଯୋଗାଇ ଦେବାକୁ ଯୋଜନା କରାଯାଇଥିଲା। ପରେ କେନ୍ଦ୍ର ସରକାରଙ୍କ ଆଟମିକ୍ ଏନର୍ଜି ରିସର୍ଚ୍ଚ ବୋର୍ଡ ଏହାକୁ ମଞ୍ଜୁରି ଦେଇଥିଲା। କ୍ୟାନ୍ସର ହସ୍ପିଟାଲ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତାବକୁ ରାଜ୍ୟ ସରକାର ଗ୍ରହଣ କରିବା ପରେ କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନର ନିର୍ଦ୍ଦେଶକ ଓ ବିଶେଷଜ୍ଞ ଦଳ କେନ୍ଦୁଝର ଆସି ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିଲେ। ଶେଷରେ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କ୍ୟାନ୍ସର ହସ୍ପିଟାଲ ପ୍ରତିଷ୍ଠା ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ଡିଏମ୍ଏଫ୍‌ରୁ ପ୍ରାୟ ୩୮ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ପ୍ରଭୁପାଦ କନ୍‌ଷ୍ଟ୍ରକ୍ସନ ଏହାର ନିର୍ମାଣ ଦାୟିତ୍ୱ ନେଇଥିବାବେଳେ ମୁମ୍ବାଇ ଟାଟା ମେମୋରିଆଲ ହସ୍ପିଟାଲର ବିଶେଷଜ୍ଞ ଦଳ ହସ୍ପିଟାଲ ପାଇଁ ନକ୍ସା ପ୍ରସ୍ତୁତ କରିଥିଲେ। ଅନ୍ୟ ହସ୍ପିଟାଲଠାରୁ କ୍ୟାନ୍ସର ହସ୍ପିଟାଲର ନିର୍ମାଣ କାମ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର ହୋଇଥିବାରୁ କାମ ସରିବାରେ ବିଳମ୍ବ ହେଉଥିଲା।

## ପରାଜୟରୁ କିଛି ଶିଖିଲାନି ଅନୁଗୁଳ ବିଜେଡି

### ଅଜ୍ଞାତବାସରେ ନେତା, ହରଡ଼ଘଣାରେ କର୍ମୀ

ଅନୁଗୁଳ, ୨୫/୩: ବର୍ଷକ ତଳେ ଠିକ୍ ଏହି ସମୟରେ ସାଧାରଣ ନିର୍ବାଚନ ମୁଣ୍ଡ ଉପରେ ଥିଲା ବେଳେ ବିଜେଡି ନେତାମାନେ ଭୁବନେଶ୍ୱରରେ ଡେରା ପକାଇଥିଲେ। ନିଜ ଟିକଟ ସୁରକ୍ଷିତ କରିବା ପାଇଁ ଲବି ଚଳାଇଥିଲେ। ଲୋକଙ୍କ ପାଖକୁ ଯିବା ବଦଳରେ ବରିଷ୍ଠ ନେତାଙ୍କ ଘରକୁ ଦେଉଥିଲେ। ଦଳ ଭିତରେ ଗୋଷ୍ଠୀ କନ୍ଦଳ ଉଗ୍ର ରୂପ ଧାରଣ କରିଥିଲା। ଆଉ ଏହାର ନକରାତ୍ମକ ଫଳ ଗତ ସାଧାରଣ ନିର୍ବାଚନରେ ପଡ଼ିଲା। ବହୁବର୍ଷ ଧରି ଅପରାଜେୟ ଥିବା ବିଜେଡି ହାତରୁ ୩ଟି ବିଧାନସଭା ଆସନ ଚାଲିଗଲା। ୫ଟି ବିଧାନସଭା ଆସନରୁ ମାତ୍ର ଦୁଇଟି ଆସନକୁ ବିଜେଡି ନିଜ ପାଖରେ ରଖିବାରେ ସଫଳ ହେଲା। ଏପଟେ ଢେଙ୍କାନାଳ ଲୋକସଭା ଆସନକୁ ବିଜେଡି ହାତରୁ ଛଡ଼ାଇ ନେଲା ବିଜେପି। ସାଧାରଣ ନିର୍ବାଚନରେ ଶକ୍ତ ଧକ୍କା ଖାଇବା ପରେ ଆଶା କରାଯାଉଥିଲା, ବିଜେଡି ଏଥିରୁ ନିଶ୍ଚିତ କିଛି ଶିକ୍ଷାଲାଭ କରି ସଂଗଠନକୁ ମଜଭୁତ କରିବ। ଲୋକଙ୍କ ପାଖକୁ ଯାଇ ସେମାନଙ୍କ ଭରସା ସାଉଁଟିବ। ତୃଣମୂଳସ୍ତରରୁ ସଂଗଠନ ସଜାଡ଼ି ପୁଣି ଅଣ୍ଟା ସଳଖି ଛିଡ଼ା ହେବ। କିନ୍ତୁ ନିର୍ବାଚନ ପରେ ତ୍ରୁଟି ସୁଧାରିବା ପରିବର୍ତ୍ତେ ଦଳର ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଛି। ନେତାମାନେ ଲୋକଙ୍କ ପାଖକୁ ନ ଯାଇ ଅଧିକ ଦୂରେଇବାରେ ଲାଗିଛନ୍ତି। ଦଳର ସଂଗଠନ ଶିଥିଳ ପଡ଼ି ଯାଇଥିଲା ବେଳେ ବିଜେଡି କୌଣସି ବଡ଼ଧରଣର କାର୍ଯ୍ୟକ୍ରମ କରି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରୟାସ ହିଁ କରୁନି। ସ୍ଥିତି ଏମିତି ଯେ ଅନୁଗୁଳ ଜିଲ୍ଲାରେ ବିଜେଡିର ସଂଗଠନ ଅଛି କି ନାହିଁ, ସେଥି ନେଇ ଖୋଦ୍ ଦଳର କର୍ମୀ ମଧ୍ୟ ସନ୍ଦେହରେ ପଡ଼ିଲେଣି। ଅନୁଗୁଳ ଜିଲ୍ଲାର ତାଳଚେର ଓ ଆଠମଲ୍ଲିକ ବିଧାନସଭା କ୍ଷେତ୍ରରେ ବିଜେଡିର ବିଧାୟକ ଅଛନ୍ତି। ଏହି ଦୁଇ ନିର୍ବାଚନମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ସାମାଜିକ ଉତ୍ସବରେ ବି ସେମାନଙ୍କୁ ଦେଖିବାକୁ ମିଳୁଛି। ହେଲେ ଅନ୍ୟ ୩ଟି ନିର୍ବାଚନମଣ୍ଡଳୀରେ ସାଂଘାତିକ ସମସ୍ୟା। ପରାଜୟ ପରେ ନେତାମାନେ ଗାଁକୁ ଯିବା ପାଇଁ ଏକପ୍ରକାର ଭୁଲି ଯାଇଛନ୍ତି। ଅନୁଗୁଳରେ ପରାଜିତ ବିଜେଡି ପ୍ରାର୍ଥୀଙ୍କ ସ୍ୱାମୀ ଓ ପୁଅ ଏବେ ସଂଗଠନ ସମ୍ଭାଳୁଛନ୍ତି। ପାଲଲହଡ଼ାରେ ପରାଜିତ ପ୍ରାର୍ଥୀ ମୁକେଶ ପାଲଙ୍କ ହାତରେ ସଂଗଠନ ରହିଛି। ଏହି ଦୁଇ ଆସନରେ କାଁଭାଁ ବିଜେଡିର ଉପସ୍ଥିତି ଅନୁଭବ ହେଉଛି। ସେମାନେ କିଛି ଘରୋଇ ସାମାଜିକ କାର୍ଯ୍ୟକ୍ରମକୁ ଯାଉଥିଲେ ମଧ୍ୟ ଆଗରୁ ଯେମିତି କାର୍ଯ୍ୟକ୍ରମ ଚାଲୁଥିଲା ତାହା ଅଟକି ଯାଇଛି। ଉପରୁ ଯାହା ନିର୍ଦ୍ଦେଶ ଆସିବ, ସେଇ ଅନୁସାରେ କାମ ହେବ ନ୍ୟାୟରେ ଏହି ଦୁଇ ନିର୍ବାଚନମଣ୍ଡଳୀରେ ନେତାମାନେ ନିରବ ରହିଛନ୍ତି। ଏହା ଶାସକ ଦଳକୁ ବେଶ୍ ସୁହାଉଛି। ତେବେ ସବୁଠାରୁ ଖରାପ ସ୍ଥିତି ହେଉଛି ଛେଣ୍ଡିପଦା ବିଧାନସଭା କ୍ଷେତ୍ରରେ। ଏଠାରେ ପରାଜିତ ହେବା ପରେ ବିଜେଡି ନେତା ସୁଶାନ୍ତ ବେହେରା ଏକପ୍ରକାର ଅଜ୍ଞାତବାସରେ ରହିଛନ୍ତି। ଏପରିକି ଏଠାରେ ଦଳ କାହା ନେତୃତ୍ୱରେ ଚାଲିବ, କର୍ମୀ ଜାଣି ପାରୁନାହାନ୍ତି। ଦଳର ତୁଙ୍ଗ ନେତା ପ୍ରଣବ ପ୍ରକାଶ ଦାଶଙ୍କୁ ଏହି ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ତଥାପି ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନି। ନିର୍ବାଚନରେ ପରାଜୟ ପରେ ଜିଲ୍ଲାରେ ଗୋଟିଏ ହେଲେ ବି ବଡ଼ଧରଣର କାର୍ଯ୍ୟକ୍ରମ କରିନି ବିଜେଡି। ସାଂଗଠନିକ କାର୍ଯ୍ୟକଳାପ ପୂରା ବନ୍ଦ। ଏଥିପାଇଁ ବିଜେଡି କର୍ମୀମାନେ ଧୀରେ ଧୀରେ ଦଳରୁ କରଛଡ଼ା ଦେଲେଣି। ଅନ୍ୟ ଦଳ ଆଡ଼େ ମୁହାଁଇଛନ୍ତି। ତଥାପି ଦଳରେ ଗୋଷ୍ଠୀ କନ୍ଦଳ କମୁନି। ନେତାମାନେ ଏକାଠି ହେବା ପରିବର୍ତ୍ତେ ବିଭିନ୍ନ ଗୋଷ୍ଠୀରେ ଭାଗ ହୋଇ ଯାଇଛନ୍ତି। ଏଭଳି ସ୍ଥିତିରେ ବିଜେଡି ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ ନ କଲେ, ବର୍ଷେ ଦୁଇ ବର୍ଷ ଭିତରେ ସଂଗଠନ ଭୁଶୁଡ଼ି ପଡ଼ିବାର ଆଶଙ୍କା ଦେଖାଦେଇଛି।

## ମୁଖ୍ୟ ରାସ୍ତାକଡ଼ରେ ଥିବା ଗୁମ୍ମା ପ୍ରାଥମିକ ବିଦ୍ୟାଳୟରେ ଫାଟକ ଓ ପାଚେରୀ ନିର୍ମାଣ ଦାବି



ପାରଳାଖେମୁଣ୍ଡି, ୨୫/୩(ନି.ପ୍ର):ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ ମହକୁମାରେ ରହିଥିବା ପ୍ରାଥମିକ ବିଦ୍ୟାଳୟଟି ମୁଖ୍ୟ ରାସ୍ତା କଡ଼ରେ ରହିଛି। ହେଲେ ଏହି ଅତି ପୁରାତନ ବିଦ୍ୟାଳୟରେ ପାଚେରୀ ଓ ମୁଖ୍ୟ ଫାଟକ ନିର୍ମାଣ ହୋଇନାହଁ. ବିଦ୍ୟାଳୟ ସମ୍ମୁଖରେ ମୁଖ୍ୟ ରାସ୍ତା ରହିଥିବାରୁ ପ୍ରତେକ ଦିନ ଶତାଧିକ ବିଭିନ୍ନ ପ୍ରକାର ଯାନବାହାନା ଯିବା ଆସିବା କରୁଛି. ପାଚେରୀ ଓ ଫାଟକ ନ ଥିବାରୁ ଛାତ୍ରଛାତ୍ରୀମାନେ ବିଭିନ୍ନ ସମୟରେ ଅବାଧରେ ବାହାରକୁ ଆସି ବିପଦର ସମ୍ମୁଖୀନ ହେଉଥିବା ବହୁ ନଜର ରହିଛି। ଏଣୁ ଏଠାରେ ଅତି ତୁରନ୍ତ ପାଚେରୀ ଓ ଫାଟକ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି. ଘଟଣାରୁ ପ୍ରକାଶ, ସରକାର ଉପାନ୍ତ ଅଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି।ମୁଖ୍ୟତଃ ଶିକ୍ଷାର ବିକାଶ ପାଇଁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ଗୁମ୍ମା ପ୍ରାଥମିକ ବିଦ୍ୟାଳୟ ବହୁ ପୁରାତନ ବିଦ୍ୟାଳୟ ଏହି ବିଦ୍ୟାଳୟ ୧୮୭୮ ମସିହାରେ ପ୍ରତିଷ୍ଠା ହୋଇଥିଲା।ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୪୮ ପିଲାଏ ପାଠ ପଢନ୍ତି।ଏହି ବିଦ୍ୟାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱ ଗୁମ୍ମା ପଞ୍ଚାୟତ ଅଧିନସ୍ତ ଥିବା ବେଳେ ବର୍ତ୍ତମାନ ମୁଖ୍ୟ ରାସ୍ତା କଡର ବିଦ୍ୟାଳୟରେ ପାଚେରୀ ଓ ଗେଟ ନଥିବା ଅଭିଭାବକ ମହଲରେ ଚିନ୍ତାର ବିଷୟ ପାଲଟିଛି।ଉକ୍ତ ବିଦ୍ୟାଳୟଟି ପାରଳାଖେମୁଣ୍ଡି ଠାରୁ ସେରଙ୍ଗ ମୁଖ୍ୟ ରାସ୍ତା କଡରେ ଥିବା ବେଳେ ଏହି ରାସ୍ତା ଦେଇ ପ୍ରତି ଦିନ ଶହ ଶହ ଗାଡ଼ି ମଟର ଯିବା ଆସିବା କରୁଥିବା ବେଳେ ଉକ୍ତ ସ୍ଥାନରେ ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ବେଳେ ପିଲାଙ୍କ କ୍ଷେତ୍ରରେ ବଡ଼ ଦୁର୍ଘଟଣା ଘଟିଯିବ ତାହା କହି ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି।ତେବେ ବିଦ୍ୟାଳୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୧-୨୨ ବର୍ଷ ଉକ୍ତ ବିଦ୍ୟାଳୟର ପାଚେରୀ ନିର୍ମାଣ କାର୍ଯ୍ୟ ପାଇଁ ଏକଲକ୍ଷ ପଚାଶ ହଜାର ଟଙ୍କା ଆସିଥିବା ବେଳେ ଜମି ବିବାଦ ଯୋଗୁଁ ପାଚେରୀ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଣୀ ଉର୍ବଶୀ ପାଣି କହିଛନ୍ତି।ଏନେଇ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଓ ଅଭିଭାବକ ମାନେ ଦାବି କରିଛନ୍ତି।

## ଗଜପତିରେ ପୁଲିସକୁ ଆକ୍ରମଣ ଗାଡ଼ି ଭଙ୍ଗା ଘଟଣାରେ ୬ ଗିରଫ ଓ ୫ କୋଟି ଟଙ୍କାରୁ ଉର୍ଦ୍ଧ ୫୦ କ୍ୱିଣ୍ଟାଲ ଗଞ୍ଜେଇ ଜବତ



ପାରଳାଖେମୁଣ୍ଡି,୨୫/୩(ନି.ପ୍ର): ଗଜପତି ଜିଲ୍ଲାରେ ଗତ ଶୁକ୍ରବାର ଦିନ ଗଞ୍ଜେଇ ରେଡ୍ ବେଳେ ପୁଲିସ ଉପରେ ଗ୍ରାମବାସୀଙ୍କ ସଂଘବଦ ଆକ୍ରମଣ ଓ ଗାଡ଼ି ଭଙ୍ଗା ରୁଜା ଘଟଣାରେ ପୋଲିସ ଆକ୍ସନ ମୋଡ଼ରେ. ସମ୍ପୃକ୍ତ ଗ୍ରାମରେ ୬ ଜଣଙ୍କୁ ଗିରଫ କରିଥିବାବେଳେ ୫ କୋଟି ଟଙ୍କାର ଗଛିତ ଚୋରା ଗଞ୍ଜେଇକୁ ଜବତ କରାଯାଇଥିବା ସୂଚନା ମିଳିଛି. ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ୮ ପ୍ଲାଟୁନ ଫୋର୍ସ ଯୁବ ଗ୍ରାମ ଓ ପିଡିଏର ଉଭୟ ଗାଁ ଶୂନଶାନ ହୋଇଯାଇଥିଲା। ପୁଲିସ ଉଭୟ ଗାଁରେ ସର୍ଚ୍ଚ କରିବା ସହ ବିଭିନ୍ନ ଘରେ ଯାଞ୍ଚ କରି ୫ କୋଟିରୁ ଉର୍ଦ୍ଧ ଟଙ୍କାର ୫୦ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇକୁ ଜବତ କରିଛନ୍ତି. ଏଥିସହ ୬ ଜଣଙ୍କୁ ଗିରଫ କରାଯାଇଛି। ଏହି ଅଭିଯାନ ଆହୁରି ଜୋରଦାର ହେବ ବୋଲି କୁହାଯାଇଛି। ଘଟଣାରୁ ପ୍ରକାଶ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଗଞ୍ଜେଇ ଜବତ ପାଇଁ ପିଡିଏର ଗାଁରେ ପୁଲିସ ଚଢ଼ଉ କରିଥିଲା। ଏହି ସମୟରେ ଗ୍ରାମବାସୀ ଓ ପୁଲିସ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଗ୍ରାମବାସୀଙ୍କ ଆକ୍ରମଣରେ ରା.ଉଦୟଗିରି ଏସ୍‌ଡିପିଓଙ୍କ ସମେତ ୨୬ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଏଥି ସହ ପୁଲିସର ୬ଟି ଗାଡ଼ିକୁ ଭାଙ୍ଗି ଦେଇଥିଲେ ଗ୍ରାମବାସୀ। ଘଟଣା ପରେ ଯୁବ ଗାଁ ନିକଟରେ ବିଳମ୍ବିତ ରାତି ଠାରୁ ପୁଲିସ କର୍ମଚାରୀଙ୍କୁ ଅଟକ ରଖିଥିଲେ ଅଞ୍ଚଳବାସୀ । ସେହି ଅଞ୍ଚଳର କିଛି ଜନ ପ୍ରତିନିଧି ଲୋକଙ୍କୁ ବୁଝାସୁଝା ପରେ ଅଟକ କର୍ମଚାରୀଙ୍କୁ ଛାଡ଼ିଥିଲେ। ଶୁକ୍ରବାର ପିଡିଏର ଗାଁର ବିଭିନ୍ନ ଲୋକଙ୍କ ଘରେ ଚଢ଼ଉ କରି ୨୦ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ଶନିବାର ଯୁବ ଗାଁରୁ ୫୦ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରିଛି ପୁଲିସ। ପୁଲିସ ଉପରେ ଆକ୍ରମଣ ଓ ଗାଡ଼ି ଭଙ୍ଗାରୁଜାକୁ ବରଦାସ୍ତ କରାଯିବନି ବୋଲି ଗଜପତି ଏସପି ଶ୍ରୀ ପଣ୍ଡା ଦୃଢ଼ତାର ସହ ପ୍ରକାଶ କରି ଗିରଫଦାରି ଓ ସର୍ଚ୍ଚ ଅପରେସନ ଆହୁରି ଜୋରଦାର କରାଯିବ ବୋଲି କହିଛନ୍ତି।

## ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ସାଇପ୍ରିୟା ୱେଲଫର ଟ୍ରଷ୍ଟ ତରଫରୁ ଦହିପଣା ଓ ତରଭୁଜ ଖଣ୍ଡ ବଣ୍ଟନ



ରାୟଗଡ, ୨୫/୩(ନି.ପ୍ର): ରାୟଗଡ ସହର ସ୍ଥିତ ସାଇପ୍ରିୟା ନଗରରେ ଥିବା ସାଇପ୍ରିୟା ୱେଲଫର ଟ୍ରଷ୍ଟ ତରଫରୁ ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ପଥଚାରୀ ଓ ଜନସାଧାରଣଙ୍କୁ ଦହିପଣା ଓ ତରଭୁଜ ଖଣ୍ଡ ବଣ୍ଟନ କରାଯାଇଛି । ସାଇପ୍ରିୟା ୱେଲଫର ଟ୍ରଷ୍ଟର ସମ୍ପାଦକ ଶ୍ରୀ ଦୟାନନ୍ଦ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ ବନ ବିଭାଗ ର ରେଞ୍ଜର ଶ୍ରୀ କାମେଶ୍ୱର ଆଚାରୀ ଯୋଗ ଦେଇ ପ୍ରବଳ ଗ୍ରୀଷ୍ମପ୍ରବାହରେ ସାଇପ୍ରିୟା ୱେଲଫର ଟ୍ରଷ୍ଟର ଏପରି ଜନହିତକର କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ସହ ସାଇପ୍ରିୟା ଟ୍ରଷ୍ଟ ତରଫରୁ ଅନେକ କାର୍ଯ୍ୟକ୍ରମ ପ୍ରଶଂସା କରିଥିଲେ । ପ୍ରାୟ ତିନି ହଜାର ପଥଚାରୀଙ୍କୁ ଦହି ପଣା ଓ ତରଭୁଜ ବଣ୍ଟନ କରାଯାଇଥିଲା । ସୂଚନଯୋଗ୍ୟ ଯେ, ଦିର୍ଘ ବାର ବର୍ଷ ହେଲା ଉତ୍କଳ ଦିବସରେ ପ୍ରତିବର୍ଷ ଏହି ଭଳି କାର୍ଯ୍ୟକ୍ରମ ଜାରି ରହିଛି । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭ୍ୟ ଜି. ବ୍ରହ୍ମାଜି, ସଭ୍ୟ ଲାଡ଼ି ଚନ୍ଦ୍ରମୌଳି, ସନ୍ୟାସି ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ ,ଅରୁଣ କୁମାର ସାହୁ ,ଭକ୍ତ ବଲ୍ଲଭ ପଟ୍ଟନାୟକ ,ପ୍ରଦୀପ ଦାସ,ଆନନ୍ଦ ଗୌଡ଼ ,ବିଜୟ ପାତ୍ର ,ଶଙ୍କର ରାଓ ,ଦାମ ବାବୁ ,ଜି ,ଭି ,ଭି ,ପ୍ରସାଦ , ସଭ୍ୟା ଗୀତା ରାଣୀ ମିଶ୍ର ଓ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ